# ସତ୍ୟବାର୍ତ୍ତା

# THE VOICE OF TRUTH

May & June
2001



AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# THE VOICE OF TRUTH

CHURCH OF CHRIST
P.O.BOX.NO.80, KAKINADA,
A.P. - 533 001
✆ : 0884-363722

Vol.6 May to June - 2001 (No. 5-6)

Published every two months
in Oriya Language for the Restoration of pure
New Testament Christianity

**FREE !** **FREE!!** **FREE !!!**

**Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the course and obtain a copy of Oriya Holy Bible absolutely free ! Send your address today to :**

**THE DIRECTOR**
**BIBLE CORRESPONDENCE COURSE**
**P.O.BOX.NO. 80, KAKINADA - 533 001**

# ସତ୍ୟବାଣୀ
# VOICE OF TRUTH

VOL.VI KAKINADA 2001 MAY-JUNE


# କେଉଁ ପୁସ୍ତକ ଈଶ୍ୱରଙ୍କ ଦତ୍ତ ?

## (Which is God's Book)

ଏହି ଜଗତରେ ଅନେକ ଆଧ୍ୟାତ୍ମିକ ପୁସ୍ତକ ପ୍ରଚଳିତ । ସେଥିରେ ଲିଖିତ ନିୟମାବଳୀ ପାଳନରେ ମନୁଷ୍ୟର ମୁକ୍ତି ବୋଲି ସେମାନେ ଦାବୀ କରନ୍ତି । କୌଣସି ଜ୍ଞାନୀ ବ୍ୟକ୍ତି ଚତୁର୍ଦ୍ଦିଗସ୍ଥ ପ୍ରତ୍ୟେକ ଦେବଦେବୀଙ୍କୁ ସତ୍ୟ ଈଶ୍ୱର ବୋଲି ଗ୍ରହଣ କରି ପାରେନା । ଆମ୍ଭମାନଙ୍କ ଚତୁର୍ଦ୍ଦିଗସ୍ଥ ଆଶ୍ଚର୍ଯ୍ୟମୟ ସୃଷ୍ଟି ଏକମାତ୍ର ସୃଷ୍ଟିକର୍ତ୍ତାଙ୍କ ହସ୍ତକୃତ କର୍ମ । ଐଶ୍ୱରତ୍ୱ ଦାବୀ କରୁଥିବା ପ୍ରତ୍ୟେକ ପୁସ୍ତକ ଏକ ଆରେକରୁ ବ୍ୟତିରେକ ଥିବାରୁ, ସେଗୁଡ଼ିକ ଏକ ଈଶ୍ୱରଙ୍କ ଠାରୁ ଆଗତ ନୁହେଁ ବୋଲି ସୁପ୍ରମାଣିତ ହୁଏ । ଏକମାତ୍ର ସିଦ୍ଧ ପବିତ୍ର ପରମେଶ୍ୱରଙ୍କ ଠାରୁ ଏକମାତ୍ର ପୁସ୍ତକ ବାଇବଲ । ଯେଉଁଥିରେ ସେ ଆପଣାକୁ ପ୍ରକଟ କରିଅଛନ୍ତି । ଐଶ୍ୱରିକତା ଦାବି କରୁଥିବା ପ୍ରତ୍ୟେକ ପୁସ୍ତକ ପରୀକ୍ଷା କଲେ । କେଉଁ ପୁସ୍ତକର ଲେଖନୀ ମନୁଷ୍ୟର ଦକ୍ଷତା ବାହାରେ ଜାଣିପାରିବା ।

ଈଶ୍ୱରଙ୍କ ଠାରୁ ଆଗତ ପୁସ୍ତକର ପ୍ରତ୍ୟେକ ପୃଷ୍ଠାରେ ତାହାଙ୍କ ଗୁଣାବଳୀ ବର୍ଣ୍ଣନା କରେ । ବିପରୀତ ଭାବ ବିନୁ ପ୍ରତ୍ୟେକ ପୃଷ୍ଠାରେ ଐକ୍ୟତାର ଭାବ ପାଇପାରିବା । ଏହା ମନୁଷ୍ୟର ସୃଷ୍ଟି ପୂର୍ବଦଶାରୁ ମୃତ୍ୟୁର ପରଦଶା ବର୍ଣ୍ଣନା କରେ । ଯେଉଁ ପରମେଶ୍ୱର ଅନାଦି ଓ ଅନନ୍ତ ଅଟନ୍ତି ତାହାଙ୍କ ଠାରୁ କୌଣସି ବିଷୟ ଅଜ୍ଞାତ ନୁହେଁ । ପୁରାକାଳର ଇତିହାସ ଠାରୁ ଆରମ୍ଭ କରି ଭବିଷ୍ୟତ କାଳରେ ଘଟିବାକୁ ଯାଉଥିବା ବିଷୟ ମଧ୍ୟ ଏହି ପୁସ୍ତକରେ ପଢ଼ିବାକୁ ପାଇପାରୁ । ତେଣୁ ଏହି ପୁସ୍ତକର ଲେଖକ ସବ;ଶକ୍ତିମାନ, ସର୍ବଜ୍ଞାନୀ ଓ ଭବିଷ୍ୟଦ୍ ବିଷୟସବୁ ତାହାଙ୍କ ଅଧିନସ୍ଥ ଅଟେ । ଅନାଦି ଓ ଅନନ୍ତ ପରମେଶ୍ୱରଙ୍କ ଅସ୍ତିତ୍ୱ ବିଶ୍ୱବ୍ୟାପ୍ତ । ସେ ଯାହା ଗଠନ କରି ଅଛନ୍ତି କେହି ତାହାକୁ ଭଗ୍ନ କରି ନପାରେ । ପୁସ୍ତକକର୍ତ୍ତାଙ୍କ ଏହି ସଦୃଶ୍ୟ ଏହି ପୁସ୍ତକ ମଧ୍ୟ ସିଦ୍ଧ ଓ ସଂପୂର୍ଣ୍ଣ ଅଟେ । ଅନ୍ୟାନ୍ୟ ପୁସ୍ତକ ସଦୃଶ ଏହି ଐଶ୍ୱରିକ ପୁସ୍ତକ ପରିବର୍ତ୍ତନୀୟ ନୁହେଁ । ଏହି ପୁସ୍ତକ ଲେଖକଙ୍କ ମାନବ ଜାତି ପ୍ରତି ଅପାରପ୍ରେମ ପ୍ରକଟ କରେ ।

ଯତ୍ନଭାବେ ପରୀକ୍ଷା କଲେ କେବଳ ଏକମାତ୍ର ପୁସ୍ତକ ଉପରୋକ୍ତ ସମସ୍ତ ଗୁଣାବଳୀ ପୂରଣ କରେ । ଏହି ଆଧୁନିକ ଯୁଗରେ ଖାପହେବା ପାଇଁ ଅନେକ ପୁସ୍ତକଗୁଡ଼ିକରେ ପରିବର୍ତ୍ତନ ଦେଖାଯାଏ । ଆହୁରି କେତେକ ପୁସ୍ତକର ଦେବଦେବୀଗଣ ମନୁଷ୍ୟର ପ୍ରତ୍ୟେକ ଦୁର୍ବଳତାରୁ କୌଣସି ବିଷୟରେ କମ୍ ନୁହନ୍ତି । ମନୁଷ୍ୟମାନଙ୍କ ସଦୃଶ୍ୟ ଏହି ଦେବଦେବୀଗଣ ପ୍ରତ୍ୟେକ ଅଭିଳାଷରେ

ଅଭିଳାଷୀ । ଏପରି ମନୁଷ୍ୟମାନଙ୍କଠାରୁ ଅଳ୍ପ ଉଚ୍ଚତର ଗୁଣାବଳୀ ବିଶିଷ୍ଟ ଦେବଦେବୀଙ୍କୁ ଶିକ୍ଷିତ ମନୁଷ୍ୟ ଅଗ୍ରାହ୍ୟ କରେ । ଏପରି ଦେବଦେବୀଗଣଙ୍କ ବିଷୟରେ ଲିଖିତ ପୁସ୍ତକ କିପରି ମନୁଷ୍ୟକୁ ସତ୍‌ମାର୍ଗରେ ଚାଳିବା ନିମନ୍ତେ ଆଗ୍ରହୀ କରିପାରେ ? ମନୁଷ୍ୟ ପରିତ୍ରାଣ ପାଇବା ନିମନ୍ତେ କଅଣ କରିବା ଆବଶ୍ୟକ ଓ ପରିତ୍ରାଣ କର୍ତ୍ତା ବିଷୟରେ ସାକ୍ଷ୍ୟ ଦେଉଥିବା ଏକମାତ୍ର ପୁସ୍ତକ ଅଛି ।

ଯାହା ମନୁଷ୍ୟର ଆକାଂକ୍ଷିତ ପ୍ରତ୍ୟେକ ମାପ ପୂରଣ କରେ । ଏକମାତ୍ର ମହାନ ପରମେଶ୍ୱରଙ୍କ ଏକମାତ୍ର ପୁସ୍ତକ ଯାହାର ପୃଷ୍ଠାରେ ତାହାଙ୍କ ମହନତା, ତାହାଙ୍କ ପ୍ରେମ ପ୍ରକଟିତ ହୁଏ ।

## ଐକ୍ୟତା :

ଏକ ଆଶ୍ଚର୍ଯ୍ୟମୟ ପୁସ୍ତକ ଏହି ଜଗତରେ ପ୍ରଚଳିତ ହୋଇ ଆସୁଅଛି । ଏହାର ପ୍ରଥମଭାଗ ପଚିଶି ଶହ ବର୍ଷ ପୂର୍ବେ ମିଶରୀୟ ଯୁବରାଜ ରୂପେ ପାଳିତ ହୋଇଥିବା ଏକ ବ୍ୟକ୍ତି ଦ୍ୱାରା ଲିଖିତ ହୋଇଥିଲା । ଏହାର ଶେଷ ପୁସ୍ତକ ଅଠର ଶହ ବର୍ଷ ପୂର୍ବେ, ପାତ୍ମ ଦ୍ୱୀପରେ ନିର୍ବାସିତ ଏକ ମତ୍ସ୍ୟଜୀବିଙ୍କ ଦ୍ୱାରା ଲିଖିତ ହୋଇଥିଲା । ଏହି ଦୁଇ ଲେଖକଙ୍କ ମଧ୍ୟକାଳରେ ଷୋହଳ ଶହ ବର୍ଷ କାଳରେ ଅଠତିରିଶି ଲେଖକମାନଙ୍କ ଦ୍ୱାରା ଚଉଷଠି ପୁସ୍ତକ ଲିଖିତ ହୋଇଥିଲା । । ସେମାନଙ୍କ ମଧ୍ୟରୁ କେତେକ ଧନୀ, କେତେକ ଦରିଦ୍ର, କେତେକ ଶିକ୍ଷିତ ଓ କେତେକ ଅଶିକ୍ଷିତ, କେତେକ ରାଜପ୍ରାସାଦରେ ଜୀବନ ବିତାଇଲା ବେଳେ କେତେକ ଗୃହହୀନ ହୋଇ ପ୍ରାନ୍ତରରେ ଭ୍ରମଣ କଲେ । ଏହି ଷୋହଳଶହ ବର୍ଷ ସମୟରେ ଜୀବନଯାପନ କରିଥିବା ଲେଖକମାନେ ଏକକୁ ଆରେକ ପରିଚିତ ନଥିଲେ, ତଥାପି ଏମାନଙ୍କ ଲେଖନୀରେ ଐକ୍ୟତା ପାଇପାରୁ । କାରଣ ସେମାନେ ଏକ ଈଶ୍ୱରଙ୍କ ଚାଳନାରେ ଲେଖିଥିଲେ । ଏତେ ବର୍ଷ ସମୟବଧିରେ ଏତେ ଲୋକଙ୍କ ଦ୍ୱାରା ଲିଖିତ ସମନ୍ୱୟ ପୁସ୍ତକ ଆଉ କେଉଁଠି ପାଇପାରିବା ?

## ବିଷୟବସ୍ତୁର ସମନ୍ୱୟତା :

ସିଦ୍ଧ ମନୁଷ୍ୟର ପାରଦୀଶରେ ପତନର ଘଟଣାରୁ ଏକ ପୁସ୍ତକ ଆରମ୍ଭ ହୁଏ । ପତିତମାନବ ଆପଣା ସୃଷ୍ଟିକର୍ତ୍ତାଙ୍କ ବିରୁଦ୍ଧଚାରଣ କଲା । ଦୟାଳୁ ପରମେଶ୍ୱର କିପରି ଭ୍ରଷ୍ଟମାନବଙ୍କୁ ଆପଣା ନିକଟକୁ ଫେରାଇବାରେ ସତଚେଷ୍ଟିତ । ଏହି ପୁସ୍ତକର ପୃଷ୍ଠାଗୁଡ଼ିକ ସୁସ୍ପଷ୍ଟ କରେ । ଏହି ପୁସ୍ତକର ୬୪ ପୁସ୍ତକରେ ମନୁଷ୍ୟର ପରିତ୍ରାଣ ଯୋଜନା ସୁବର୍ଣ୍ଣସୁତ୍ର ରୂପେ ପ୍ରଜ୍ୱଳିତ ହୁଏ । ଏହି ସୁଦୀର୍ଘ ଲେଖନୀରେ ତିଳେମାତ୍ର ଏକକୁ ଆରେକ ବ୍ୟତୀରେକ ବିଷୟ ନଥିବା ଏହି ପୁସ୍ତକର ଅନ୍ୟ ଏକ ବିଶେଷତ୍ୱ ।

# ଜ୍ଞାନ

## ବୈଜ୍ଞାନିକ ପ୍ରକାଶନ :

ଏହି ପୁସ୍ତକ ଈଶ୍ୱରଙ୍କ ଦ୍ୱାରା ଲିଖିତ ହୋଇଥିବାରୁ ଏଥିରେ ଲିଖିତ ବିଷୟ ମନୁଷ୍ୟର ବୋଧର ଅଗମ୍ୟ । ସଦାପ୍ରଭୁ ପରମେଶ୍ୱର ଆୟୁବଙ୍କୁ କହିଲେ, ‘‘ଯେତେବେଳେ ଆମ୍ଭେ ପୃଥିବୀର ଭିତ୍ତିମୂଳ

ସ୍ଥାପନ କଲୁ । ସେତେବେଳେ ତୁମ୍ଭେ କେଉଁଠାରେ ଥିଲ ? ବୁଦ୍ଧି ଥିଲେ ବୁଝାଇ ଦିଅ । ତୁମ୍ଭେ କି ଜାଣ, କିଏ ତହିଁର  ପରିମାଣ ନିରୂପଣ କଲା ? ଅବା କିଏ ତହିଁ ଉପରେ ପରିମାପକ ରଜ୍ଜୁ ପ୍ରସାରିଲା ? କାହା ଉପରେ ତହିଁର ଭିତ୍ତିମୂଳ ଦୃଢ଼ୀକୃତ ହେଲା ? ଅବା ପ୍ରଭାତୀୟ ନକ୍ଷତ୍ରଗଣ ଏକ ସଙ୍ଗେ ଗାନ କରିବା ବେଳେ ଓ ପରମେଶ୍ୱରଙ୍କ ସନ୍ତାନଗଣ ଆନନ୍ଦରେ ଜୟଧ୍ୱନୀ କରିବା ବେଳେ କିଏ ତହିଁର କୋଣ ପ୍ରସ୍ତର ବସାଇଲା ?.... ତୁମ୍ଭ ନିକଟରେ ମୃତ୍ୟୁର ଦ୍ୱାର କି ପ୍ରକାଶିତ ହୋଇଅଛି ? ଅବା ତୁମ୍ଭେ କି ମୃତ୍ୟୁଛାୟାର ଦ୍ୱାର ସବୁ ଦେଖିଅଛ ?.... ଦୀପ୍ତିର ବାସସ୍ଥାନକୁ ପଥ କାହିଁ ?'' ଓ ଅନ୍ଧକାରର ସ୍ଥାନ କେଉଁଠାରେ ? (ଆୟୁବ ୩୮:୪-୭, ୧୭, ୧୯) ।'' ପୃଥିବୀ ନିର୍ଜ୍ଜନ ଓ ଶୂନ୍ୟ ଥିଲା । ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା । ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ । ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ, ତହିଁରେ, ଦୀପ୍ତି ହେଲା ।'' (ଆଦି ୧:୨,୩) ।

ଏହିପରି ଭାବେ ସମସ୍ତ ସୃଷ୍ଟି, ସମସ୍ତ ଜୀବନର କାହାଣୀ ଆରମ୍ଭ ହେଲା । ମନୁଷ୍ୟର ଜ୍ଞାନ ଅଭିବୃଦ୍ଧି ହୋଇ ତାହାଙ୍କ ସୃଷ୍ଟିର ରହସ୍ୟ ଜାଣିବା ପୂର୍ବେ ତାହାଙ୍କ ପୁସ୍ତକରେ ତାହାଙ୍କ ଶକ୍ତି, ପ୍ରଭାବ ଓ ମହନତା ଲିଖିତ ହୋଇ ଅଛି । ଏଥିରେ ଲିଖିତ ସତ୍ୟତାଗୁଡ଼ିକ ମନୁଷ୍ୟର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଶହ ଶହ ବର୍ଷ ଅପେକ୍ଷା କଲା ।

ଉଦାହରଣ ସ୍ୱରୂପ, ବର୍ତ୍ତମାନ ଯୁଗରେ ବୈଜ୍ଞାନିକମାନେ ନକ୍ଷତ୍ରଗଣଙ୍କ ଧ୍ୱନୀ ଆଧୁନିକ ଉପକରଣ ଦ୍ୱାରା ଆବିଷ୍କାର କରିଅଛନ୍ତି । ଯଦିଓ, ଏ ବିଷୟ ଅନେକ ଶତାବ୍ଦୀ ପୂର୍ବେ ଈଶ୍ୱରଙ୍କ ବାକ୍ୟରେ ଲିଖିତ ହୋଇଅଛି । ଦୀପ୍ତି ଶୂନ୍ୟର ତରଙ୍ଗରେ ଯାତ୍ରା କରିବା ବିଷୟ ମନୁଷ୍ୟ କିଛି ବର୍ଷ ତଳେ ଆବିଷ୍କାର କରିବା ସତ୍ତ୍ୱେ ଏ ବିଷୟ ଈଶ୍ୱରଙ୍କ ବାକ୍ୟରେ ଶହ ଶହ ବର୍ଷ ପୂର୍ବେ ଲିଖିତ ହୋଇଥିଲା । ଦୀପ୍ତିର ନିବାସସ୍ଥଳ ଦୀପ୍ତିର ସୃଷ୍ଟିକର୍ତ୍ତାଙ୍କୁ ଜ୍ଞାତ ଥିବାରୁ, ଦୀପ୍ତିର ନିବାସସ୍ଥଳ ମଧ୍ୟ ତାହାଙ୍କର ଅଜ୍ଞାତ ନୁହେଁ । ''ସେ ଭୂମଣ୍ଡଳର ଉପରେ ଉପବିଷ୍ଟ.... ।'' (ଯିଶା ୪୦:୨୨) (It is God that sitteth upon the circle of the earth)  ଏହି ପଦ ଲିଖିତ ହେବା ସମୟରେ ମନୁଷ୍ୟମାନେ ପୃଥିବୀ ସମତଳ ବୋଲି ବିଶ୍ୱାସ କରିବା ସମୟରେ ପୃଥିବୀ ସୃଷ୍ଟିକର୍ତ୍ତା ଏହା ବୃତ୍ତାକାର ବୋଲି ଆପଣା ବାକ୍ୟରେ ପ୍ରକାଶ କରିଥିଲେ । ଆଟଲାସ୍ **(ATLAS)** ନାମକ ଏକ ଅସୁରର ସ୍କନ୍ଧରେ ଅବା ଏକ କଚ୍ଛପ ଉପରେ ପୃଥିବୀ ଅବସ୍ଥିତ ବୋଲି ଲୋକେ ବିଶ୍ୱାସ କରୁଥିଲେ । ସେ ସମୟରେ ମହାଜ୍ଞାନୀ ମାନେ ମଧ୍ୟ ଏହି ମତକୁ ବିଶ୍ୱାସ କଲାବେଳେ, ଅପରିମିତ ଜ୍ଞାନବାନ ଆମ୍ଭମାନଙ୍କ ପରମେଶ୍ୱର ପ୍ରକାଶ କଲେ । ''ସେ ଶୂନ୍ୟ ଉପରେ ଉତ୍ତର କେନ୍ଦ୍ର ପ୍ରସାରନ୍ତି ଓ ଅବସ୍ତୁ ଉପରେ ପୃଥିବୀ କି ଝୁଲାନ୍ତି ।'' (ଆପୁବ ୨୬:୭) । ଏହି ସତ୍ୟତା ଉପରେ ଆବିଷ୍କାର କରିବା ନିମନ୍ତେ ମନୁଷ୍ୟକୁ ଶହ ଶହ ବର୍ଷ ଲାଗି ଯାଇଥିଲା ।

ସାମୁଦ୍ରିକ ବୈଜ୍ଞାନିକ ଏବଂ ଈଶ୍ୱରଙ୍କ ପୁସ୍ତକର ଏକ ଉତ୍ତମ ଛାତ୍ର Mathew Fantaine Maury.... ସମୁଦ୍ର ପଥଗାମୀ ସକଳ ହିଁ ରଖିଅଛି ।'' ଦାଉଦଙ୍କ ଗୀତ ସଂହିତାର (୮:୮) ଏହି ପଦରେ ବିଶ୍ୱାସ କରି ସମୁଦ୍ରରେ ପଥ ଆବିଷ୍କାର କରିବା ନିମନ୍ତେ ଆଗେଇ ପଡ଼ିଥିଲେ । ତାହାଙ୍କ ଆବିଷ୍କୃତ ପଥରେ ଆଜି ବିରାଟ ବିରାଟ ଜାହାଜ ଯାତାୟାତ କରେ । ସମୁଦ୍ରର ପଥ ବିଷୟରେ

ଦାଉଦ କିପରି ଜାଣିପାରିଥିଲେ ?

- ଈଶ୍ୱର ତାହାଙ୍କୁ ପ୍ରକଟ କରିଥିଲେ ।

ଏହିପରି ଅନେକ ବିଷୟ ଆମ୍ଭେମାନେ ଈଶ୍ୱରଙ୍କ ବାକ୍ୟରେ ପଢ଼ିପାରୁ ଯେଉଁସବୁ ମନୁଷ୍ୟର ଜ୍ଞାନର ବାହାରେ । ଅତଏବ ଈଶ୍ୱରଙ୍କ ପୁସ୍ତକ ଏକ ସମନ୍ୱୟ ପୁସ୍ତକ ଥିବା ସଙ୍ଗେ ସଙ୍ଗେ ଏଥିରେ ଅନେକ ବିଷୟ ଲିଖିତ ହୋଇଅଛି ଯାହା ସବୁ ମନୁଷ୍ୟ ଆବିଷ୍କାର କରିବା ପୂର୍ବେ ଏଥିରେ ଲିଖିତ ହୋଇଅଛି । ମନୁଷ୍ୟ ଯେତେ ନୂତନ ନୂତନ ବିଷୟ ଆବିଷ୍କାର କରୁଅଛି, ସେତେ ଈଶ୍ୱରଙ୍କ ବାକ୍ୟ ସତ୍ୟ ବୋଲି ପ୍ରମାଣିତ ହେଉଅଛି ।

ତାହା କେବଳ ନୁହେଁ, ମନୁଷ୍ୟର ନିବାସଯୋଗ୍ୟ ହେବା ପୂର୍ବେ ପୃଥିବୀର ଅବସ୍ଥା ତଥା ମନୁଷ୍ୟର ବିନାଶ ପରେ ପୃଥିବୀର ଅବସ୍ଥା କ'ଣ ହେବ ଏହି ପୁସ୍ତକ ବର୍ଣ୍ଣନା କରେ । ଏହା ଏକମାତ୍ର ପୁସ୍ତକ ଅଟେ ଯେଉଁଥିରେ ମନୁଷ୍ୟର ସୃଷ୍ଟି ଓ ସ୍ଥିତି ବିଷୟରେ ଲିଖିତ ହୋଇଅଛି । ବିବର୍ତ୍ତନ ମତବାଦ ଅନୁଯାୟୀ ଏହି ସୃଷ୍ଟି ଏକ ଅକସ୍ମାତ ସଶବ୍ଦ ବିସ୍ଫୋରଣର ଫଳାଫଳ । ଏହି ମତବାଦ ସତ୍ୟ ହୋଇନପାରେ । କାରଣ : (୧) ବିସ୍ଫୋରଣ କୌଣସି ବିଷୟ ଗଢ଼େ ନାହିଁ ବରଂ ବିନାଶ କରେ (୨) ବିନା ଯତ୍ନରେ କୌଣସି ଲଘୁତର ବିଷୟ ଉଚ୍ଚତର ବିଷୟକୁ ପରିବର୍ତ୍ତିତ ହୁଏ ନାହିଁ । ବରଂ ଉଚ୍ଚତର ବିଷୟ କ୍ରମଶଃ ହ୍ରାସ ପାଏ । ଯତ୍ନ ସହକାରେ କଠିନ ପରିଶ୍ରମ ଦ୍ୱାରା ଗୁରୁତର ବିଷୟ ମନୁଷ୍ୟ ହାସଲ କରିପାରିଥାଏ । ବିନା ଯତ୍ନେ, ବିନା ପରିଶ୍ରମେ କେବଳ ଏକ ବିସ୍ଫୋରଣରେ କି ଏତେ ବିଶାଳ ଓ ଆଶ୍ଚର୍ଯ୍ୟମୟ ବିଶ୍ୱ ସୃଷ୍ଟି ହୋଇପାରେ ? (୩) କୌଣସି ନିର୍ଜ୍ଜୀବ ବସ୍ତୁ ଠାରୁ ଜୀବନ ଜାତ ହେବା ଅସମ୍ଭବ । ଏହି ପୃଥିବୀର ଜୀବଜଗତ, ଜୀବନ ଦାତା ଠାରୁ ଜୀବନପ୍ରାପ୍ତ । ବୈଜ୍ଞାନିକ ଶାସ୍ତ୍ର ମଧ୍ୟ ଏଥିରେ ଏକମତ ହୁଏ ଯେ, ଜୀବନ ଜୀବନ୍ତ ବିଷୟରୁ ଆଗତ । ଯୀଶୁ କହିଲେ, ''.... କାରଣ ପିତା ଯେପରି ସ୍ୱୟଂଜୀବି.... ।'' (ଯୋହନ ୫:୨୬) ପିତା ପରମେଶ୍ୱର ସମସ୍ତ ଜୀବନର ଆଧାର । ତାହାଙ୍କ ଠାରେ ହିଁ ଜୀବନ ବାସ କରେ । ''ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିରୁ ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କି ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ । ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।'' (ଆଦି ୨:୭) ମନୁଷ୍ୟ କିପରି ଜୀବିତ ପ୍ରାଣୀ ହେଲା ଏହାଠାରୁ ଅଧିକ ଆଉ କ'ଣ କୁହାଯାଇପାରେ ?

ମନୁଷ୍ୟର ଏହି ଜଗତ ଛାଡ଼ିବା ପରେ କ'ଣ ଘଟିବ ଏହି ପୁସ୍ତକ ବିନୁ ଆଉ କୌଣସି ପୁସ୍ତକ ସ୍ପଷ୍ଟଭାବେ କହେ ନାହିଁ । ମନୁଷ୍ୟର ମରଣ ପରର ସ୍ଥିତି ଅନେକ ଧର୍ମ ବିଭିନ୍ନ ଭାବେ ବର୍ଣ୍ଣନା କରିଥାଏ । ଐଶ୍ୱରିକ ଜ୍ଞାନ ଓ ଅଧିକାର ଯୁକ୍ତ ଏହି ପୁସ୍ତକ କହେ, ''ତୁମ୍ଭେ ଯେଉଁ ମୃତ୍ତିକାରୁ ଗୃହୀତ ହେଲ, ତହିଁରେ ନ ମିଶିବା ପର୍ଯ୍ୟନ୍ତ ମୁଖର ଝାଳରେ ଆହାର କରିବ । ଯେହେତୁ ତୁମ୍ଭେ ଧୂଳି ଓ ଧୂଳିରେ ପୁର୍ନବାର ମିଶିଯିବ ।'' (ଆଦି ୩:୧୯) । ''ପୁଣି, ଧୂଳି ପୂର୍ବ ମୃତ୍ତିକାରେ ଲୀନ ହେବ । ଆଉ ଆତ୍ମଦାତା ପରମେଶ୍ୱରଙ୍କ ନିକଟକୁ ଆତ୍ମା ଫେରିଯିବ ।'' (ଉପଦେଶକ ୧୨:୭) । ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମୃତ୍ୟୁ । ଆଉ ତାହା ପରେ ବିଚାର ନିରୂପିତ ଅଛି.... '' (ଏବ୍ରୀ ୯:୨୭:୨୮) । ''ତତ୍ପରେ ମୁଁ ଗୋଟିଏ ବୃହତ୍ ଶ୍ୱେତବର୍ଣ୍ଣ ସିଂହାସନ ଓ ତଦୁପବିଷ୍ଟ ବ୍ୟକ୍ତିଙ୍କୁ

ଦର୍ଶନ କଲି, ତାହାଙ୍କ ସମ୍ମୁଖରୁ ପୃଥିବୀ ଓ ଆକାଶମଣ୍ଡଳ ପଳାୟନ କଲା, ସେମାନଙ୍କ ନିମନ୍ତେ ଆଉ ସ୍ଥାନ ମିଳିଲା ନାହିଁ । ପୁଣି ମୁଁ କ୍ଷୁଦ୍ର ଓ ମହାନ ସମସ୍ତ ମୃତ ଲୋକଙ୍କୁ ସିଂହାସନର ସମ୍ମୁଖରେ ଠିଆ ହେବାର ଦେଖିଲି, ଆଉ ପୁସ୍ତକ ସବୁ ଫିଟାଗଲା ପରେ ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଫିଟାଗଲା । ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ସମୁଦ୍ର ଆପଣାର ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲା, ଆଉ ମୃତ୍ୟୁ ଓ ପାତାଳ ସେମାନଙ୍କ ମଧ୍ୟବର୍ତ୍ତୀ ମୃତମାନଙ୍କୁ ସମର୍ପଣ କଲେ, ପୁଣି ସେମାନେ ପ୍ରତ୍ୟେକ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ । ତତ୍ପରେ ମୃତ୍ୟୁ ଓ ପାତାଳରୁ ଅଗ୍ନିମୟ ହ୍ରଦରେ ପକାଗଲା । ଏହି ମୃତ୍ୟୁ ଅର୍ଥାତ୍ ଅଗ୍ନିମୟ ହ୍ରଦ ଓ ଦ୍ୱିତୀୟ ମୃତ୍ୟୁ ଯାହାର ନାମ ଜୀବନ ପୁସ୍ତକରେ ଲେଖାଯାଇଥିବାର ଦେଖାନଗଲା, ତାହାଙ୍କୁ ଅଗ୍ନିମୟ ହ୍ରଦରେ ପକାଗଲା ପରେ ମୁଁ ଏକ ନୂତନ ଆକାଶମଣ୍ଡଳ ଓ ନୂତନ ପୃଥିବୀ ଦେଖିଲି କାରଣ ପ୍ରଥମ ଆକାଶମଣ୍ଡଳ ଓ ପ୍ରଥମ ପୃଥିବୀ ଲୋପ ପାଇଥିଲା । ପୁଣି ସମୁଦ୍ର ଆଉ ନଥିଲା । ଆଉ ମୁଁ ପବିତ୍ର ଅର୍ଥାତ୍ ନୂତନ ଯିରୂଶାଲମକୁ ବର ନିମନ୍ତେ ସଜ୍ଜିତା କନ୍ୟାର ସଦୃଶ ପ୍ରସ୍ତୁତା ହୋଇ ସ୍ୱର୍ଗରୁ ଈଶ୍ୱରଙ୍କ ନିକଟରୁ ଅବତରଣ କରିବାର ଦେଖିଲି । ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହାଶବ୍ଦ ଏହା କହିବାର ଶୁଣିଲି, "ଦେଖ, ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି । ସେ ସେମାନଙ୍କ ସହିତ ବାସ କରିବେ । ଆଉ ସେମାନେ ତାହାଙ୍କ ଲୋକ ହେବେ । ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛିଦେବେ । ମୃତ୍ୟୁ ଆଉ ଘଟିବ ନାହିଁ । କ'ଣ ପୂର୍ବ ବିଷୟ ସବୁ ଲୋପ ପାଇଅଛି । .... ରାତ୍ରି ଆଉ ହେବ ନାହିଁ । ସେମାନଙ୍କ ପ୍ରଦୀପ କି ସୂର୍ଯ୍ୟର ଆଲୋକର ପ୍ରୟୋଜନ ହେବ ନାହିଁ । କାରଣ ପ୍ରଭୁ ଈଶ୍ୱର ସେମାନଙ୍କ ଉପରେ ଆଲୋକ ସ୍ୱରୂପ ହେବେ । ପୁଣି ସେମାନେ ଯୁଗେ ଯୁଗେ ରାଜତ୍ୱ କରିବେ (ପ୍ରକାଶିତ ୨୦: ୧୧-୧୫, ୨୧:୧-୪: ୨୨:୫)

## ଭାବିକାଳର ପୂର୍ବଜ୍ଞାନ :

ମନୁଷ୍ୟର ପତନ ବିଷୟରେ ପୂର୍ବରୁ ଜ୍ଞାତ ପରମେଶ୍ୱର ମନୁଷ୍ୟର ପରିତ୍ରାଣ ମାର୍ଗ ମଧ୍ୟ ପ୍ରସ୍ତୁତ କରିଥିଲେ । ଈଶ୍ୱର ନିଶ୍ୱାସିତ ପୁସ୍ତକରେ, ଆମ୍ଭମାନଙ୍କ ପରିତ୍ରାଣ କର୍ତ୍ତାଙ୍କ କ୍ରୁଶୀୟ ମୃତ୍ୟୁଯାତନା ଶହ ଶହ ବର୍ଷ ରୂପେ ଲିଖିତ ହୋଇଥିଲା । ଲିଖିତ ଭାବବାଣୀଗୁଡ଼ିକର ସଫଳତା ବିଷୟରେ ମଧ୍ୟ ଏହି ପୁସ୍ତକ ଆମ୍ଭମାନଙ୍କୁ ସାକ୍ଷ୍ୟ ଦିଏ । କେବଳ ସାଧାରଣ ଘଟଣା ବିଷୟରେ ନୁହେଁ କିନ୍ତୁ ରାଜାମାନଙ୍କ ନାମ ସହିତ ଶହ ଶହ ବର୍ଷ ପୂର୍ବେ ଭାବବାଣୀ ଦ୍ୱାରା ପ୍ରକଟ ହୋଇଥିଲା । ବାବିଲ ରାଜା କୋରସ୍ ବିଷୟରେ ତାହାଙ୍କ ରାଜତ୍ୱର ଅନେକ ବର୍ଷ ପୂର୍ବେ ଭାବବାଣୀ ଦ୍ୱାରା ବ୍ୟକ୍ତ ହୋଇଥିଲା (ଯିଶା ୯୪ : ୨୮, ୪୫: ୧-୧୪) । ମିଶର ଦେଶ ବିଷୟରେ ଯିହିଜିକଲ ୨୯:୧୪, ୧୫ ପଦଗୁଡ଼ିକରେ ଲେଖାଯାଏ. "ଆଉ, ଆମ୍ଭେ ମିଶରର ବନ୍ଦୀତ୍ୱବସ୍ଥା ପରିବର୍ତ୍ତନ କରିବା ଓ ସେମାନଙ୍କ ଜନ୍ମସ୍ଥାନ ପଥ୍ରୋସ୍ ଦେଶକୁ ସେମାନଙ୍କୁ ଫେରାଇ ଆଣିବା । ପୁଣି ନାନା ରାଜ୍ୟ ମଧ୍ୟରେ ତାହା ନୀଚତମ ହେବ ଓ ନାନା ଗୋଷ୍ଠୀୟମାନଙ୍କ ମଧ୍ୟରେ ସେ ଆପଣାକୁ ନ୍ୟୂନ କରିବା, ତହିଁରେ ସେମାନେ ଗୋଷ୍ଠୀଗଣ ଉପରେ ଆଉ କର୍ତ୍ତୃତ୍ୱ କରିବେ ନାହିଁ । ସେ କାଳରୁ ଅଭିଶପ୍ତ ମିଶର ଦୁର୍ଦ୍ଦଶାଗ୍ରସ୍ତ

ସର୍ବଶକ୍ତିମାନ ପରମେଶ୍ୱର ଶହ ଶହ ବର୍ଷ ପୂର୍ବେ ପ୍ରକଟ କରିଥିଲେ । ଦ୍ୱିତୀୟରେ, ଦାନିୟେଲ ୨:୭:୮ ପଦଗୁଡ଼ିକରେ ଚାରି ସାମ୍ରାଜ୍ୟର ଉତ୍‌ଥାନ ଓ ପତନର ଭାବବାଣୀ ଲିଖିତ ହୋଇଅଛି । ଇତିହାସ ଏହି ବାକ୍ୟର ସଫଳତା ସାକ୍ଷ୍ୟ ଦିଏ ।

ପରମେଶ୍ୱରଙ୍କ ଦ୍ୱାରା ଭାବବାଣୀର ପ୍ରକାଶ ଓ ସେଗୁଡ଼ିକ ସଫଳତାର କାହାଣୀଗୁଡ଼ିକ ଏ ଜଗତର ପ୍ରତ୍ୟେକ ବିଷୟ ପରମେଶ୍ୱରଙ୍କ ଦ୍ୱାରା ଚାଳିତ ବୋଲି ଜାଣିପାରୁ । ଜଗତର ମୂଳଦୁଆର ସ୍ଥାପନର ବହୁପୂର୍ବେ ପରମେଶ୍ୱର, ମନୁଷ୍ୟର ପରିତ୍ରାଣର ଯୋଜନା ପ୍ରସ୍ତୁତ କରିଥିଲେ । କେବଳ ଏକ ଦେଶ ସତ୍ୟ ପରମେଶ୍ୱର?ଙ୍କ ଆରାଧନା କଲାବେଳେ, ଅନ୍ୟ ଦେଶଗୁଡ଼ିକ ଭୟଙ୍କର ପ୍ରତିମାପୂଜକ ଥିଲେ । ସମୟ ସମ୍ପୂର୍ଣ୍ଣ ହେବାରୁ ଏହି ଜଗତରେ ତ୍ରାଣକର୍ତ୍ତା ଜନ୍ମ ନେଇଥିଲେ । ପବିତ୍ର ଆତ୍ମାଙ୍କ ଚାଳନାରେ ଲେଖିଥିବା ଲେଖକମାନେ ଭାବବାଣୀ ସଫଳ ହେବା ପର୍ଯ୍ୟନ୍ତ ଜୀବିତ ନଥିଲେ । ତଥାପି ପରମେଶ୍ୱରଙ୍କ ଅପରିମିତ ଜ୍ଞାନ ଦ୍ୱାରା ପ୍ରକାଶିତ ଭାବବାଣୀ ସମସ୍ତ ସଫଳ ହୋଇଥିଲା ।

## ଶକ୍ତିମାନ :

ସେ କେବଳ ଭାବିଜ୍ଞାନବକ୍ତ ନୁହଁନ୍ତି । କିନ୍ତୁ ତାହାଙ୍କ ପୁସ୍ତକ ଯେ ସ୍ୱର୍ଗରୁ ଆଗତ ଏହା ପ୍ରମାଣ କରିବା ନିମନ୍ତେ ଶକ୍ତିମାନ ଅଟନ୍ତି । ତାହାଙ୍କ ଚାଳନାରେ ତାହାଙ୍କ ପୁସ୍ତକ ଲେଖିବା ବେଳେ ଅନେକ ଆଶ୍ଚର୍ଯ୍ୟ କର୍ମ; ମଧ ସାଧନ କରିଥିଲେ । ପରମେଶ୍ୱରଙ୍କ ବିରୁଦ୍ଧୀ ମଧ ସେମାନଙ୍କ କୃତ ଆଶ୍ଚର୍ଯ୍ୟକର୍ମୀ ଅସ୍ୱୀକାର କରି ପାରିନଥିଲେ । ସେମାନଙ୍କ କୃତ ଆଶ୍ଚର୍ଯ୍ୟକ୍ରିୟା ସକଳ ସେମାନଙ୍କ ଲେଖନୀ ଈଶ୍ୱରଙ୍କ ଠାରୁ ଆଗତ ବୋଲି ସାକ୍ଷ୍ୟ ଦିଏ । ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ ଆଉ ପ୍ରଭୁ ସେମାନଙ୍କର ସହକର୍ମୀ ହୋଇ ଅନୁବର୍ତ୍ତୀ ଚିହ୍ନଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ ।'' (ମାର୍କ ୧୬:୨୦)

ତାହା କେବଳ ନୁହେଁ, ଯୁଗାନୁକ୍ରମେ ଈଶ୍ୱର ବିରୁଦ୍ଧୀମାନେ ଏହି ପୁସ୍ତକର ବିନାଶରେ ସଦା ଚେଷ୍ଟିତ । ବୈଜ୍ଞାନିକ ମାନଙ୍କ ବିଭିନ୍ନ ମତବାଦ ଏବେ ମିଥ୍ୟାରୂପେ ପ୍ରମାଣିତ ହେଉଅଛି । ଅନେକ ପ୍ରତ୍ନତତ୍ତ୍ୱ ବିଶାରଦମାନେ ଐତିହାସିକ ବିଖ୍ୟାତ ନଗରମାନଙ୍କ ସନ୍ଧାନ ନିମନ୍ତେ ବାଇବଲର ସାହାଯ୍ୟ ଲୋଡ଼ନ୍ତି । ଏହି ପୁସ୍ତକର ନିନ୍ଦକମାନେ ସମୟର ସ୍ରୋତରେ ଏହି ପୁସ୍ତକ ବିଜୟୀ ହୋଇ ପାରିବେ ନାହିଁ । ବୋଲି ପ୍ରକାଶ କରିବା ସତ୍ତ୍ୱେ ସମୟ ସ୍ରୋତ ଏହାର କିଛି ହାନି କରିପାରିନାହିଁ । ଜନତାକୁ ଯେପରି ଏହି ପୁସ୍ତକ ଲବ୍ଧ ନ ହୋଇ ପାରେ । ଏଥିନିମନ୍ତେ ଇର୍ଷାରେ ଏହି ପୁସ୍ତକଗୁଡ଼ିକ ଅଗ୍ନିରେ ଦଗ୍ଧ କରିଥିଲେ । ଅନୁବାଦକମାନଙ୍କୁ ଅନେକ ହିଂସା, ଯାତନା ଓ କ୍ଳେଶର ସମ୍ମୁଖୀନ ହେବାକୁ ପଡ଼ିଥିଲା । ବିରୁଦ୍ଧୀମାନେ ଏହି ପୁସ୍ତକକୁ ବିନାଶ କରିବାରେ ଯେତେ ଚେଷ୍ଟା କଲେ ହେଁ, ସମସ୍ତ ବାଧାବିଘ୍ନ ବିଜୟୀ ହୋଇ ଏହି ପୁସ୍ତକ ଜଗତର ସବୁଠାରୁ ମାନ୍ୟ ପୁସ୍ତକ ରୂପେ ପରିଗଣିତ ହୋଇଅଛି । ଆକାଶ ତଳେ ଥିବା ପ୍ରତ୍ୟେକ ଦେଶର ନିୟମାବଳୀରେ ଏହି ପୁସ୍ତକର ପ୍ରଭାବ ଦେଖିଥାଉଁ । ପ୍ରତ୍ୟେକ ଉତ୍ତମ ଓ ନୈତିକ ନିୟମର ଆଧାରଏହି ପୁସ୍ତକର ଅବଲମ୍ବନରେ ଦେଶ ଏକ ଉତ୍ତମ ଦେଶ ଓ ଜାତି ଏକ ଉତ୍ତମ ଜାତି ରୂପେ ପରିଗଣିତ ହେବାର ସୁଯୋଗ ପାଇଥାଏ । ''ଧାର୍ମିକତା ରାଜ୍ୟର ଉନ୍ନତି

କରାଏ, ମାତ୍ର ପାପ ନରଗଣର ଅପମାନ ।'' (ହିତ ୧୪:୩୪)

ଏହି ପୁସ୍ତକ ଅନେକ ବାଧାବିଘ୍ନ ପାର ହୋଇ ଈଶ୍ୱରଙ୍କ ଶକ୍ତି ଦ୍ୱାରା ସୁରକ୍ଷିତ ହୋଇ ଆସୁଅଛି । ଏହାର ବିନାଶ ନାହିଁ ବୋଲି ବାକ୍ୟ ଆମ୍ଭମାନଙ୍କୁ ଚେତନା ଦିଏ । ''ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟଗୁଡ଼ିକ କଦାପି ଲୋପ ପାଇବ ନାହିଁ ।'' (ମାଥିଉ ୨୫:୩୮) । ଯେଉଁ ଐଶ୍ୱରିକ ଶକ୍ତି ଦ୍ୱାରା ଏହି ପୁସ୍ତକ ଲିଖିତ ହୋଇଥିଲା । ଯେଉଁ ଐଶ୍ୱରିକ ଶକ୍ତି ଦ୍ୱାରା ଏହା ସୁରକ୍ଷିତ ହୋଇ ଆସୁଅଛି । ତାହାର ପାଳନରେ ହିଁ ମନୁଷ୍ୟର ମଙ୍ଗଳ ।'' ''ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି ଓ ତାହାଙ୍କ ପଥରେ ଚାଲନ୍ତି, ସେମାନଙ୍କର ପ୍ରତ୍ୟେକ ଲୋକ ଧନ୍ୟ । କାରଣ ତୁମ୍ଭେ ଆପଣା ହସ୍ତକୃତ ପରିଶ୍ରମର ଫଳ ଭୋଜନ କରିବ । '' (ଗୀତ ୧୨୮:୧, ୨)

ପରମେଶ୍ୱରଙ୍କ ସଦୃଶ୍ୟ, ତାହାଙ୍କ ପୁସ୍ତକ ମଧ୍ୟ ସିଦ୍ଧ ଅଟେ । ଏହାର ବିନାଶ ନାହିଁ କି ପରିବର୍ତ୍ତନ ନାହିଁ । ପୂର୍ବକାଳରେ ତଥା କାଳେ କାଳେ ଏହି ପୁସ୍ତକ ମନୁଷ୍ୟର ଆତ୍ମିକ ତୃଷ୍ଣା ପରିତୃପ୍ତ କରେ । ତାହାଙ୍କ ଦୈବିକତା, ମହନତା, ପ୍ରେମ, ଦୟା ଏହା ପ୍ରକାଶ କରିବା ସଙ୍ଗେ ମନୁଷ୍ୟର ଈଶ୍ୱରଙ୍କ ନିକଟରେ ଅସମର୍ଥତାର ପ୍ରକାଶ କରେ । ଏହି ପୁସ୍ତକ ପଢ଼ିବା ଦ୍ୱାରା ପବିତ୍ର, ସିଦ୍ଧ, ନ୍ୟାୟବାନ, ଦୟାବାନ ପରମେଶ୍ୱରଙ୍କୁ ଅବଲମ୍ବନ କରିବା ଆବଶ୍ୟକ । ତାହାଙ୍କ ନିକଟରେ ମସ୍ତକନତ କରିବାରେ ସାହାଯ୍ୟ କରେ ।

ଏହି ପୁସ୍ତକ ଦେଶୀ ନୁହେଁ ବା ବିଦେଶୀ ନୁହେଁ । ପୂର୍ବର ନୁହେଁ ବା ପାଶ୍ଚାତ୍ୟ ଦେଶର ନୁହେଁ . । କିନ୍ତୁ ସ୍ୱର୍ଗୀୟ ପିତାଙ୍କ ଠାରୁ ପ୍ରତ୍ୟେକ ଦେଶର, ପ୍ରତ୍ୟେକ ରାଜ୍ୟର, ପ୍ରତ୍ୟେକ ପ୍ରଜା ନିମନ୍ତେ ଉଦ୍ଦିଷ୍ଟ ହୋଇଅଛି । ଏହି ପୁସ୍ତକର ଅବଲମ୍ବନ ଆମ୍ଭମାନଙ୍କୁ ବିଭାଜନ ନକରି ଆମ୍ଭମାନଙ୍କ ଅନନ୍ତକାଳୀନ ପିତା ସେବାରେ ଏକତ୍ର କରେ । ଏହି ସର୍ବୋନ୍ନତ ପୁସ୍ତକ ବାଇବଲ ରୂପେ ପରିଚିତ ।

- J.C. Choate

# ମୃତମାନେ କି ପୁନଃରୁତ୍ଥିତ ହେବେ ?

## (Will the Dead be Raised)

ମୃତମାନଙ୍କ ପୁନଃରୁତ୍ଥାନ ଖ୍ରୀଷ୍ଟଧର୍ମର ସତ୍ୟତା ପ୍ରମାଣିତ କରେ । ଯୀଶୁଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ସତ୍ୟତା ଉପରେ ସୁସମାଚାର ପ୍ରତିଷ୍ଠିତ ହୋଇଅଛି ବୋଲି ପାଉଲ ଦୃଢ଼ଭାବେ ଘୋଷଣା କରି ଅଛନ୍ତି । ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନ ଓ ମୃତମାନଙ୍କ ପୁନଃରୁତ୍ଥାନ ସୁସମାଚାରର ମୂଳଶିକ୍ଷା । ପାଉଲ କହନ୍ତି, ''ଯଦି ମୃତମାନଙ୍କର ପୁନଃରୁତ୍ଥାନ ନାହିଁ ତେବେ ଖ୍ରୀଷ୍ଟ ମଧ୍ୟ ଉଥିତ

ହୋଇନାହାନ୍ତି ।, ଆଉ ଯଦି ଖ୍ରୀଷ୍ଟ ଉତ୍‌ଥିତ ହୋଇନାହାନ୍ତି ତେବେ ଆମ୍ଭମାନଙ୍କର ପ୍ରଚାର ବୃଥା, ତୁମ୍ଭମାନଙ୍କର ବିଶ୍ୱାସ ମଧ୍ୟ ବୃଥା ।'' (୧ମ କରିନ୍ଥୀ ୧୫:୧୩,୧୪) । ଯଦି ଖ୍ରୀଷ୍ଟ ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ହୋଇ ନାହାନ୍ତି, ତେବେ ତାହାଙ୍କ ଠାରେ ବିଶ୍ୱାସରେ ଜୀବନଯାପନ କରୁଥିବା ବିଶ୍ୱାସୀମାନଙ୍କ ବିଶ୍ୱାସ ବୃଥା । ତାହାଙ୍କ ପୁନଃରୁଥାନ ବିନୁ, ମନୁଷ୍ୟର ଆତ୍ମାର ଭବିଷ୍ୟତ ନାହିଁ ।

ଥେସଲନୀକିୟ ମଣ୍ଡଳୀକୁ ପାଉଲ ଲେଖନ୍ତି, ''.. ସମସ୍ତ ବିଷୟ ପରୀକ୍ଷା କର ।'' (୧ମ ଥେସଲନୀକି ୫:୨୧) ଖ୍ରୀଷ୍ଟଙ୍କ ପୁନଃରୁଥାନ ଆମ୍ଭେମାନେ କିପରି ପରୀକ୍ଷା କରି ପ୍ରମାଣ କରି ପାରିବା ? ଆସ ଆମ୍ଭେମାନେ ତାହାଙ୍କ ପୁନଃରୁଥାନର କେତୋଟି ସାକ୍ଷ୍ୟ ପରୀକ୍ଷା କରି ଦେଖିବା :-

ତାହାଙ୍କ ପୁନଃରୁଥାନ ବିଷୟକ ଭାବବାଣୀର ସଫଳତା ତାହାଙ୍କ ପୁନଃରୁଥାନ ସପ୍ରମାଣ କରେ । ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଏକ ହଜାର ବର୍ଷ ପୂର୍ବେ ଦାଉଦ ମହାରାଜା ଭାବବାଣୀ କରି କହିଥିଲେ, ''କାରଣ ତୁମ୍ଭେ ମୋ ପ୍ରାଣ ପାତାଳରେ ପରିତ୍ୟାଗ କରିବ ନାହିଁ; କିମ୍ବା ତୁମ୍ଭେ ପବିତ୍ର ଜନକୁ କ୍ଷୟ ପାଇବାକୁ ଦେବ ନାହିଁ ।'' (ଗୀତ ୧୬:୧୦) । ପେଣ୍ଟିକଷ୍ଟ ଏହି ଭାବବାଣୀ ଦାଉଦ ଆପଣା ନିମନ୍ତେ ଘୋଷଣା ନ କରି, ଖ୍ରୀଷ୍ଟଙ୍କ ବିଷୟରେ ଘୋଷଣା କରିଥିଲେ ବୋଲି ପିତର ପେଣ୍ଟିକଷ୍ଟ ଦିନରେ କରିଥିବା ପ୍ରସଙ୍ଗରେ ଉଲ୍ଲେଖ କରନ୍ତି । ତଥାପି ସେ ଭାବବାଣୀ ହେବାରୁ ଏବଂ ତାହାଙ୍କ ଔରସଜାତ ଜଣେ ବ୍ୟକ୍ତିକି ଈଶ୍ୱର ଯେ ତାହାଙ୍କ ସିଂହାସନରେ ବସାଇବାକୁ ତାହାଙ୍କ ନିକଟରେ ଶପଥ କରି ପ୍ରତିଜ୍ଞା କରିଥିଲେ । ଏହା ଜାଣିବାରୁ ସେ ଭବିଷ୍ୟଦ୍‌ଦର୍ଶନ ଦ୍ୱାରା ଖ୍ରୀଷ୍ଟଙ୍କର ପୁନଃରୁଥାନ ବିଷୟରେ କହିଥିଲେ, କାରଣ ସେ ପାତାଳରେ ପରିତ୍ୟକ୍ତ ହେଲେ ନାହିଁ, କିମ୍ବା ତାହାଙ୍କ ଶରୀର କ୍ଷୟ ପାଇଲା ନାହିଁ। (ପ୍ରେରିତ ୨:୩୦-୩୨) ଦାଉଦଙ୍କ ଭାବବାଣୀର ସଫଳତା ଖ୍ରୀଷ୍ଟଙ୍କ ପୁନଃରୁଥାନର ସତ୍ୟତା ସଙ୍ଗେ ସଙ୍ଗେ ଈଶ୍ୱରଙ୍କ ବାକ୍ୟ ସତ୍ୟ ବୋଲି ପ୍ରମାଣିତ କରେ ।

ଆଇନଗତ ଭାବେ ଚାକ୍ଷୁଷ ସାକ୍ଷୀଙ୍କ ସାକ୍ଷ୍ୟ ଅତି ଦୃଢ଼ ଅଟେ । ଖ୍ରୀଷ୍ଟଙ୍କ ପୁନଃରୁଥାନର ଅନେକ ଚାକ୍ଷୁଷ ସାକ୍ଷୀମାନଙ୍କ ବିଷୟରେ ବାଇବଲରେ ପଢ଼ି ଥାଉଁ । ତାହାଙ୍କ ପୁନଃରୁଥାନ ପରେ ସେ ଯେତେବେଳେ ଆପଣା ଶିଷ୍ୟମାନଙ୍କୁ ଦର୍ଶନ ଦେଲେ, ସେଠାରେ ଥୋମା ଅନୁପସ୍ଥିତ ଥିଲେ । ଅତଏବ ଅନ୍ୟ ଶିଷ୍ୟମାନେ ତାହାଙ୍କୁ କହିଲେ, ତାହାଙ୍କ ହାତରେ କଣ୍ଟାଚିହ୍ନ ସବୁ ନଦେଖିଲେ ଓ ସେହି ସବୁ ସ୍ଥାନରେ ମୋହର ଅଙ୍ଗୁଳି ନଦେଲେ ଏବଂ ତାହାଙ୍କ ବକ୍ଷଦେଶରେ ମୋହର ହାତ ନଦେଲେ ମୁଁ କଦାପି ବିଶ୍ୱାସ କରିବି ନାହିଁ। (ଯୋହନ ୨୦:୨୫) । ଖ୍ରୀଷ୍ଟଙ୍କ ପୁନଃରୁଥାନର ସାକ୍ଷ୍ୟ ବିନା ସେ ତାହା ଗ୍ରହଣ କରିବାରେ ଅନିଚ୍ଛୁକ ଥିଲେ । ପ୍ରେରିତମାନଙ୍କ ମେଳରେ ଥୋମା ଉପସ୍ଥିତ ଥିବା ସମୟରେ ଯୀଶୁ ସେମାନଙ୍କୁ ଦର୍ଶନ ଦେଇ ଥୋମାଙ୍କୁ କହିଲେ, ଏଆଡ଼େ ତୁମ୍ଭର ଆଙ୍ଗୁଳି ବଢ଼ାଇ ମୋହର ହାତ ଦେଖ ଓ ହାତ ବଢ଼ାଇ ମୋହର ବକ୍ଷଦେଶରେ ଦିଅ ; ଅବିଶ୍ୱାସୀ ନହୋଇ ବିଶ୍ୱାସୀ ହୁଅ । ଥୋମା ତାହାଙ୍କୁ ଉତ୍ତର ଦେଲେ, ମୋହର ପ୍ରଭୁ ମୋହର ଈଶ୍ୱର । (ଯୋହନ ୨୦: ୨୭-୨୯)

ଖ୍ରୀଷ୍ଟଙ୍କ ପୁନଃରୁଥାନର ଚାକ୍ଷୁଷ ସାକ୍ଷୀ ମଧ୍ୟରୁ ମଗଦଲୀନୀ ମରିୟମ ଅନ୍ୟତମ (ଯୋହନ

୨୦:୧୬) । ଶାସ୍ତ୍ରାନୁସାରେ ତୃତୀୟ ଦିନରେ ଉଥିତ ହେଲେ ସେ କେଫାଙ୍କୁ ଆଉ ତାହାପରେ ଦ୍ୱାଦଶଙ୍କୁ ଦର୍ଶନ ଦେଲେ, ଏହି ଉତ୍ତାରେ ଏକାଥରେ ପାଞ୍ଚଶହ ଠାରୁ ଅଧିକ ଭାଇମାନଙ୍କୁ ଦର୍ଶନ ଦେଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଜି ପର୍ଯ୍ୟନ୍ତଜୀବିତ ଅଛନ୍ତି, କିନ୍ତୁ କେହି କେହି ମହାନିଦ୍ରାପ୍ରାପ୍ତ ହୋଇଅଛନ୍ତି । (୧ମ କରନ୍ଥୀ ୧୫:୫,୬) । ଏହି ଚାକ୍ଷୁଷମାନେ ଖ୍ରୀଷ୍ଟଙ୍କ ପୁନଃରୁଥାନ ପ୍ରମାଣ କରନ୍ତି ।

କଠିନ ହୃଦୟୀ ଶାଉଲଙ୍କ ପରିବର୍ତ୍ତିତ  ଜୀବନ ଖ୍ରୀଷ୍ଟଙ୍କ ପୁନଃରୁଥାନ ପ୍ରମାଣିତ କରେ । ଶାଉଲ ଖ୍ରୀଷ୍ଟଙ୍କ ମଣ୍ଡଳୀର ଏକ ତାଡ଼ନାକାରୀ ଥିଲେ । ତାହାଙ୍କ ବିଷୟରେ ବାକ୍ୟ କହେ, ଶାଉଲ ଘରେ ଘରେ ପଶି ପୁରୁଷ ଓ ସ୍ତ୍ରୀଲୋକମାନଙ୍କୁ ଟାଣିଆଣି କାରାଗାରରେ ସମର୍ପଣ କରି ମଣ୍ଡଳୀକୁ ଉଚ୍ଛିନ୍ନ କରିବାକୁ ଲାଗିଲେ । (ପ୍ରେରିତ ୮:୩) । ଶାଉଲରୁ ପାଉଲକୁ ପରିବର୍ତ୍ତିତ ହୋଇ  ସେ ଫିଲିପଙ୍କ ମଣ୍ଡଳୀକୁ ଲେଖନ୍ତି, ଉଦ୍‌ଯୋଗ ସମ୍ବନ୍ଧରେ ମଣ୍ଡଳୀର ଜଣେ ତାଡ଼ନାକାରୀ, ପୁଣି ବ୍ୟବସ୍ଥାଗତ ଧାର୍ମିକତା ସମ୍ବନ୍ଧରେ ନିର୍ଦ୍ଦୋଷ ଦେଖାଯାଇଥିଲା କିନ୍ତୁ ଯାହାସବୁ ମୋ ପକ୍ଷରେ ଲାଭଜନକ ଥିଲା ସେହିସବୁ ମୁଁ ଖ୍ରୀଷ୍ଟଙ୍କ ନିମନ୍ତେ କ୍ଷତିଜନକ ବୋଲି ଗଣ୍ୟ କରିଅଛି । (ଫିଲିପ ୩:୭,୮) । ଶାଉଲ ଜୀବନରେ ପରିବର୍ତ୍ତନର କାରଣ କଅଣ ଥିଲା ? ସୁସମାଚାର ତାଡ଼ନାକାରୀ ସୁସମାଚାର ପ୍ରଚାରକ ରୂପେ ପରିବର୍ତ୍ତନର ରହସ୍ୟ କଅଣ ହୋଇପାରେ ? ସେ ଯେଉଁ ଖ୍ରୀଷ୍ଟଙ୍କୁ ତାଡ଼ନା କରୁଥିଲେ, ତାହାଙ୍କ ନିମନ୍ତେ ମୃତ୍ୟୁ ଭୋଗୀବା ନିମନ୍ତେ ମଧ୍ୟ ପ୍ରସ୍ତୁତ ହେଲେ (ଫିଲିପ ୩:୭-୧୧, ପ୍ରେରିତ ୨୧:୧୩) । ପୁନଃରୁଥିତ ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ତାହାଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲେ (ପ୍ରେରିତ ୯:୩-୯, ୨୨:୧୫) ।

ଖ୍ରୀଷ୍ଟଙ୍କ ପୁନଃରୁଥାନ ପ୍ରଥମ ଶତାବ୍ଦୀ ଠାରୁ ମନୁଷ୍ୟମାନଙ୍କ ବିବାଦର କାରଣ ହୋଇ ଆସୁଅଛି । ଶାଦ୍ଦୁକୀମାନେ ମୃତମାନଙ୍କ ପୁନଃରୁଥାନରେ ବିଶ୍ୱାସ କରୁନଥିଲେ । ପ୍ରେରିତ ପାଉଲଙ୍କ ଖ୍ରୀଷ୍ଟଙ୍କ ପୁନଃରୁଥାନର ବାର୍ତ୍ତା ଶୁଣି ଆଥାନୀ ନଗରର ଜ୍ଞାନୀମାନେ ଉପହାସ କରିଥିଲେ । (ପ୍ରେରିତ ୧୭:୩୨) । ଆଜି ମଧ୍ୟ ସନ୍ଦେହକାରୀମାନଙ୍କ ସଂଖ୍ୟା କିଛି କମ୍ ନାହିଁ । କିନ୍ତୁ ଖ୍ରୀଷ୍ଟଙ୍କ ଶୂନ୍ୟ ସମାଧିର ସାକ୍ଷ୍ୟ ଶକ୍ତିବନ୍ତ ଅଟେ । ଖ୍ରୀଷ୍ଟିୟାନମାନଙ୍କ ଭରସା ମୃତ ଶରୀରରେ ନୁହେଁ, କିନ୍ତୁ ଜୀବିତ ଖ୍ରୀଷ୍ଟଙ୍କ ଠାରେ ଅଛି । ସେ ମୃତ୍ୟୁକୁ ଲୋପ କରି ଅଛନ୍ତି, ପୁଣି ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶିତ କରିଅଛନ୍ତି  (୨ ତୀମଥି ୧:୧୦)

ଖ୍ରୀଷ୍ଟଙ୍କ ପୁନଃରୁଥାନ, ଏକ ମହତ୍ତ୍ୱର ଦିନର ଆଶାରେ ଏହି ଜୀବନ ବିତାଇବାରେ ସାହାଯ୍ୟ କରେ । ତାହାଙ୍କ ପୁନଃରୁଥାନ ତାହାଙ୍କ ସୁସମାଚାର ମୂଳଦୁଆ । ରେ ମୃତ୍ୟୁ, କାହିଁ ତୋର ଜୟ, ରେ ମୃତ୍ୟୁ, କାହିଁ ତୋର ନାହୁଡ଼ ? ମୃତ୍ୟୁର ନାହୁଡ଼, ପାପ, ଆଉ ପାପର ବଳ ବ୍ୟବସ୍ଥା କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି । ତାହାଙ୍କର ଧନ୍ୟବାଦ ହେଉ । ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ

ହୁଅ । (୧ମ କରନ୍ଥୀ ୧୫:୫୫-୫୮)

ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସମାଧି ଶେଷ ବିଶ୍ରାମସ୍ଥଳ ନୁହେଁ । ଖ୍ରୀଷ୍ଟଙ୍କ ପୁନଃରୁଥାନ ଏହାର ସାକ୍ଷ୍ୟ ଦିଏ । ଆସ, ଆମ୍ଭେମାନେ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରି ଶେଷରେ ତାହାଙ୍କ ଦତ୍ତ ଅନନ୍ତଜୀବନ ରୂପ ମୁକୁଟ ପ୍ରାପ୍ତ ହେବା ।

- Paul Vaughn

# ସ୍ୱର୍ଗର ସୌନ୍ଦର୍ଯ୍ୟତା

## (Beautiful Heaven)

ସ୍ୱର୍ଗ ବା Heaven ର ଅର୍ଥ : H = Home (ଗୃହ)
E = Eternal (ଅନନ୍ତକାଳସ୍ଥାୟୀ)
A = Association (ସହଭାଗିତା)
V = Victory (ଜୟ)
E = End (ଅନ୍ତ)
N = Nature (ସ୍ୱାଭାବିକତ୍ୱ)

ଈଶ୍ୱରଙ୍କ ବାକ୍ୟ ପାଳନକାରୀ ପ୍ରତ୍ୟେକ ସ୍ୱର୍ଗକୁ ଯିବେ । (ମାଥିଉ ୭:୨୧) । କ୍ଷଣସ୍ଥାୟୀ ସାଂସାରିକ ଜୀବନର ଅନ୍ତେ, ସୌନ୍ଦର୍ଯ୍ୟ ସ୍ୱର୍ଗରେ ବାସ କରିବା ପ୍ରତ୍ୟେକ ପ୍ରାଣୀର ଆକାଂକ୍ଷା ହେବା ଆବଶ୍ୟକ । କାରଣ ତାହା ଏକ ଗୌରବମୟ ଓ ସୌନ୍ଦର୍ଯ୍ୟମୟ ଅନନ୍ତକାଳସ୍ଥାୟୀ ନିବାସସ୍ଥଳ ଅଟେ । ନିମ୍ନଲିଖିତ କାରଣ ସ୍ୱର୍ଗର ସୌନ୍ଦର୍ଯ୍ୟତା ବର୍ଣ୍ଣନା କରେ :-

୧) ସୁନ୍ଦର ସ୍ୱର୍ଗ ଈଶ୍ୱରଙ୍କ ସନ୍ତାନମାନଙ୍କ ନିତ୍ୟସ୍ଥାୟୀ ଗୃହ ଅଟେ : ମନୁଷ୍ୟ ଏହି ଜଗତରେ ଯାତ୍ରୀ ଓ ପ୍ରବାସୀ ଅଟେ (୧ ପିତର ୧:୧) । କ୍ଷଣ ଭଙ୍ଗୁର ଏହି ଜୀବନର ଶେଷରେ ମନୁଷ୍ୟ ସ୍ୱର୍ଗରୂପ ଗୃହରେ ସୁଖ ଓ ସନ୍ତୋଷରେ ଅନନ୍ତକାଳ ଯାପନ କରିବାରେ ସୁଯୋଗ ପାଏ (୧ମ କରନ୍ଥୀ ୧୫:୧୯) ସୁନ୍ଦର ସ୍ୱର୍ଗର ଅଭିମୁଖେ ଯାତ୍ରା କରୁଛୁ ଯେ ଆମ୍ଭେମାନେ, ଆମ୍ଭମାନଙ୍କ ନିମନ୍ତେ ଏହି ଅନିତ୍ୟ ଜଗତ ଏକ ଯାତ୍ରାପଥ ଅଟେ ।

୨) ସ୍ୱର୍ଗ ନିତ୍ୟସ୍ଥାୟୀ : ମାଥିଉ ୨୫:୪୬ ଅନୁଯାୟୀ ଧାର୍ମିକମାନେ ଅନନ୍ତ ଜୀବନ ପ୍ରାପ୍ତ ଭୋଗ କରିବେ । ଈଶ୍ୱରଙ୍କ ସନ୍ତାନମାନେ ଅନନ୍ତ ଗୃହରେ ବିଶ୍ରାମ ପ୍ରାପ୍ତ ହେବେ ।

(ପ୍ରକାଶିତ ୧୪:୧୩) । ସ୍ୱର୍ଗର ଆନନ୍ଦ ଓ ଆଶୀଷ ସକଳର କିଅବା ତାହାର ସୌନ୍ଦର୍ଯ୍ୟତାର ଅନ୍ତ ନାହିଁ ।

୩) **ସହଭାଗିତାର ଆବାସସ୍ଥଳ :** ଅନନ୍ତ ପରମେଶ୍ୱରଙ୍କ ଆବାସସ୍ଥଳରେ ଆମ୍ଭେମାନେ ତାହାଙ୍କ ସହଭାଗିତା ପ୍ରାପ୍ତ ହେବାରେ ସୁଯୋଗ ପାଇ ପାରିବା ( ଯୋହନ ୧୪:୧-୬), ୧ମ କରନ୍ଥୀ ୧୫:୨୩-୨୫) । ତା ସଙ୍ଗେ ସଙ୍ଗେ କାଳକାଳର ଧାର୍ମିକମାନଙ୍କ ସହିତ ସହଭାଜତାରେ ଆମ୍ଭେମାନେ ପିତା ପରମେଶ୍ୱରଙ୍କ ଗୁଣଗାନ କରିବା (ମାଥିଉ ୨୫:୩୧-୪୬; ଏବ୍ରୀ ୧୧) । ଏହା କେତେ ସୌଭାଗ୍ୟର ବିଷୟ ।

୪) **ବିଜୟ କ୍ଷେତ୍ର :** କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟ ପ୍ରଦାନ କରନ୍ତି । ତାହାଙ୍କର ଧନ୍ୟବାଦ ହେଉ (୧ମ କରନ୍ଥୀ ୧୫:୫୭) । ସ୍ୱର୍ଗରେ ଆମ୍ଭେମାନେ ଆମ୍ଭମାନଙ୍କ ଶେଷ ବିଜୟ ପାଳନ କରିବା । ମୃତ୍ୟୁ, ଶୟତାନ, ଅନ୍ଧକାରର କ୍ଷମତା, କ୍ଳେଶ, ତାଡ଼ନା, ଆପଦ ବିପଦ ଉପରେ ବିଜୟୀ ହାସଲ କରି ଧାର୍ମିକ ମାନେ ସେହି ବିଜୟ କ୍ଷେତ୍ର ଅନନ୍ତକାଳ ବାସ କରିବେ ।

୫) **ଅସାରତାର ଅନ୍ତ :** ଏହି ଜାଗତିକ ଜୀବନର ଈଷତ୍‌ତୃଷ୍ଣତା, (ପ୍ରକାଶିତ ୩:୧୫-୧୬), କାମୁକତା (ପାଲାତି ୫:୧୯-୨୧) ଓ ଅଜ୍ଞାନତାର ଅନ୍ତ ହେବ । କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଇର୍ଷା, ମତତ୍ତା, ରଙ୍ଗରସ ରହିତ ଜୀବନ କେତେ ରୋମ୍ୟମୟ !

୬) **ସ୍ୱଭାବସିଦ୍ଧ ସୁନ୍ଦର ସ୍ୱର୍ଗ :** ପରମେଶ୍ୱରଙ୍କ ଆଜ୍ଞାକାରୀମାନଙ୍କ ନିମନ୍ତେ ପ୍ରତିଜ୍ଞାତସ୍ଥଳ ବିଷୟରେ ପିତର କହନ୍ତି, ଯେଉଁ ଅକ୍ଷୟ, ଅକଳଙ୍କିତ, ଅଜର ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଞ୍ଚିତ ହୋଇଅଛି, ତାହା ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭମାନଙ୍କୁ ପୁନର୍ଜନ୍ମ ଦେଇଅଛନ୍ତି (୧ମ ପିତର ୧:୪) । ଖ୍ରୀଷ୍ଟିୟାନମାନଙ୍କ ଅଜର ଅଧିକାର ଅକ୍ଷୟ, ଅଳଙ୍କିତ, ଯାହା କି ଈଶ୍ୱରଙ୍କ ଦ୍ୱାରା ସୁରକ୍ଷିତ ହୋଇଅଛି ।

୭) **ସୁପ୍ରସ୍ତୁତ ବାସସ୍ଥାନ :** ସ୍ୱର୍ଗ, ପ୍ରସ୍ତୁତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ ସୁପ୍ରସିଦ୍ଧ ବାସସ୍ଥାନ ଅଟେ (ଯୋହନ ୧୪:୧-୩) । ବିଶ୍ୱାସ (ଏବ୍ରୀ ୧୧:୬) । ମନ ପରିବର୍ତ୍ତନ (ଲକ ୧୩:୩) । ତାହାଙ୍କ ଠାରେ ବିଶ୍ୱାସ ସ୍ୱୀକାର (ମାଥିଉ ୧୦:୩୨-୩୩) ସୁନ୍ଦର ସ୍ୱର୍ଗକୁ ଯିବା ନିମନ୍ତେ ଆପଣାକୁ ପ୍ରସ୍ତୁତ କରେ । ବିଶ୍ୱସ୍ତ ଜୀବନ କରି ଖ୍ରୀଷ୍ଟିୟାନ ଅନନ୍ତଜୀବନରୂପମୁକୁଟ ପ୍ରାପ୍ତ ହୁଏ (ପ୍ରକାଶିତ ୨:୧୦)

ଗୌରବମୟ, ମହିମାମୟ, ସୌନ୍ଦର୍ଯ୍ୟ ସ୍ୱର୍ଗରେ ଅନନ୍ତ ଜୀବନ ବିତାଇବା ନିମନ୍ତେ ଆପଣ କି ପ୍ରସ୍ତୁତ ଅଟନ୍ତି ?

**- Jerry Joseph**

# ପେଣ୍ଟିକଷ୍ଟ ଦିନର ସାତୋଟି ମହନୀୟତା

## (Seven Great things about Penticost)

ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁର ଦିନ ଯଦି ମାନବ ସମାଜର ଅତ୍ୟନ୍ତ ଅନ୍ଧକାର ଦିବସ, ପେଣ୍ଟିକଷ୍ଟ ଦିନ ଇତିହାସ ଉଜ୍ଜଳତମ ଦିବସ ଅଟେ । ଆଦି ପିତାମାତାଙ୍କ ଆଜ୍ଞା ଲଂଘନ ସମୟାବଧି ଏହି ଦିନର ଅପେକ୍ଷା କରାଯାଇଥିଲା । ଯୀଶୁ କହିଲେ, "............ଯେଉଁ ସମୟରେ ମୃତମାନେ ଈଶ୍ୱରଙ୍କର ପୁତ୍ରଙ୍କ ସ୍ୱର ଶୁଣିବେ ଓ ଯେଉଁମାନେ ଶୁଣିବେ, ସେମାନେ ସଜୀବ ହେବେ । ଏପରି ସମୟ ଆସୁଅଛି, ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ ।" (ଯୋହନ ୫:୨୫) । ଯେଉଁ ସମୟରେ ସୁସମାଚାର ପ୍ରଚାର ହେବ ଏବଂ ଲୋକେ ପରିତ୍ରାଣ ପାଇବା ନିମନ୍ତେ ଆଗ୍ରହୀ ହୋଇ ପ୍ରଶ୍ନ କରିବେ ଏପରି ସମୟ ବିଷୟରେ ଯୀଶୁଖ୍ରୀଷ୍ଟ ଉପରୋକ୍ତ ବାକ୍ୟରେ ଉଲ୍ଲେଖ କରନ୍ତି । ".........ଈଶ୍ୱରଙ୍କ ରାଜ୍ୟକୁ ପରାକ୍ରମରେ ଉପସ୍ଥିତ ନ ଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ । (ମାର୍କ ୯:୧) । ଏହି ପ୍ରତିଶୃତିରେ ମଧ୍ୟ ଯୀଶୁଖ୍ରୀଷ୍ଟ ପେଣ୍ଟିକଷ୍ଟ ଦିନର ବିଷୟରେ ଉଲ୍ଲେଖ କରନ୍ତି । ପ୍ରେରିତ ୧:୮ ପଦରେ ପ୍ରେରିତମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତି ପାଇବାର ପ୍ରତିଜ୍ଞା ଓ ୨:୧-୪ ପଦଗୁଡ଼ିକରେ ତାହାର ସଫଳତା ବିଷୟରେ ପଢ଼ିଥାଉଁ ।

**ଗୋଟିଏ ମହାନ୍ ଦିବସ :** ପୁରାତନ ନିୟମ ସମୟର ଏହି ଦିନ 'ସପ୍ତାହର ଉତ୍ସବ' ଅର୍ଥାତ୍ 'କଟା ଗହମର ପ୍ରଥମ ଫଳର ଉତ୍ସବ' ରୂପେ ପାଳିତ ହେଉଥିଲା । ଏହି ପାଳନର ରୀତିନିୟମ ଆମ୍ଭେମାନେ ଲେବୀ ୨୩ : ୧୫-୧୭ ପଦରେ ପଢ଼ିପାରୁଁ । 'ପେଣ୍ଟିକଷ୍ଟ' ବୋଲି ଏହି ପଦ ଗ୍ରୀକ୍ ପଦରୁ ଆନୀତ, ଯାହାର ଅର୍ଥ 'ପଚାଶତମ' । ପ୍ରତ୍ୟେକ ଯିହୁଦୀ ପୁରୁଷ ଯୋଗଦାନ ଦେବା ଆବଶ୍ୟକୀୟ ତିନୋଟି ବାର୍ଷିକ ଉତ୍ସବ ମଧ୍ୟରୁ ଏହା ଏକ ଉତ୍ସବ ଥିଲା । (ଦ୍ୱିତୀୟ ୧୬ : ୧୬-୧୭) । ଏଥିଯୋଗୁଁ ସେହି ସମୟରେ ଅନେକ ସଂଖ୍ୟାରେ ଯିହୁଦୀମାନେ ଯିରୁଶାଲମ୍‌ରେ ଉପସ୍ଥିତ

ଥିଲେ । ପେଣ୍ଟିକଷ୍ଟ ଦିବସ ସପ୍ତାହର ପ୍ରଥମ ଦିନରେ ପାଳିତ ହେଉଥିଲା ଏବଂ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ମଧ୍ୟ ସପ୍ତାହର ପ୍ରଥମ ଦିବସରେ ମୃତ୍ୟୁରୁ ଉତ୍ଥିତ ହୋଇଥିଲେ । ଈଶ୍ୱରଙ୍କ ରାଜ୍ୟ ଏହି ଜଗତରେ ସ୍ଥାପନ କରିବା ନିମନ୍ତେ ଈଶ୍ୱର ଅନେକ ବର୍ଷ ପୂର୍ବେ ଏହି ବିଶେଷ ଦିନ ମନୋନୀତ କରିଥିଲେ । ପରିତ୍ରାଣର ବାର୍ତ୍ତା ଏହି ଦିନରେ ପ୍ରଥମ ଥର ପାଇଁ ପ୍ରକଟିତ ହୋଇଥିଲା । ପାପରୁ ମୁକ୍ତ ହେବାର ସୁଯୋଗ ବିଷୟରେ ଏହି ପାପମୟ ଜଗତ ପ୍ରଥମଥର ପାଇଁ ଶ୍ରବଣ କରି ପାରିଥିଲା । ପବିତ୍ର ଆତ୍ମାଙ୍କ ଅବତରଣ, ଈଶ୍ୱରଙ୍କ ରାଜ୍ୟର ସ୍ଥାପନ କରାଯାଇଥିବା ଦିବସ ପ୍ରକୃତରେ ଏକ ମହାନ୍ ଦିବସ ଅଟେ ।

**ଗୋଟିଏ ମହାନ୍ ପ୍ରଚାରକ :** ପିତର ଆପଣା ଭାଇ ଆନ୍ଦ୍ରିୟ ଦ୍ୱାରା ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଆନୀତ ହୋଇଥିଲେ । ପ୍ରଥମ ସାକ୍ଷାତରେ ଯୀଶୁଖ୍ରୀଷ୍ଟ ତାହାଙ୍କ ନାମ ଶିମୋନରୁ 'କେଫା' ବା 'ପିତର' (ପଥର)କୁ ପରିବର୍ତ୍ତିତ କରିଥିଲେ । (ଯୋହନ ୧ : ୪୦-୪୨) । ମାନସିକ ଦୁର୍ବଳତା ଯୋଗୁଁ କିଛି ସମୟ ଯୀଶୁଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିଥିବା ବ୍ୟତୀତ ପିତର ତାହାଙ୍କ ଏକ ବିଶ୍ୱସ୍ତ ଓ ଆଜ୍ଞାଧୀନ ଶିଷ୍ୟ ଥିଲେ । (ଲୁକ ୨୨ : ୫୪-୬୦) । ଯୀଶୁଖ୍ରୀଷ୍ଟଙ୍କ ଚାହାଣୀରେ ସେ ଅନୁତପ୍ତ ହୋଇ ଅତ୍ୟନ୍ତ ବ୍ୟାକୁଳ ହୋଇ ରୋଦନ କରି ମନ ପରିବର୍ତ୍ତନ କରିଥିଲେ । (ଲୁକ ୨୨ : ୬୨) । ଆପଣା ଅଭିଳାଷ ନିମନ୍ତେ ତାହାଙ୍କ ଅନୁସରଣକାରୀ ମାନଙ୍କ ଖ୍ରୀଷ୍ଟ ଅନୁଯୋଗ କରିବାକୁ ଅନେକେ ତାହାଙ୍କୁ ପରିତ୍ୟାଗ କରି ଚାଲିଯିବା ସମୟରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, ''ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ? ଶିମୋନ ପିତର ତାହାଙ୍କୁ ଉତ୍ତର ଦେଲେ, ପ୍ରଭୋ, କାହା ପାଖକୁ ଯିବା ? ଆପଣଙ୍କ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି । ଆଉ ଆପଣ ଯେ ଈଶ୍ୱରଙ୍କର ସେହି ପବିତ୍ର ପୁରୁଷ । ଏହା ଆମ୍ଭେମାନେ ବିଶ୍ୱାସ କରୁଅଛୁ ଓ ଜାଣିଅଛୁ । (ଯୋହନ ୬ : ୬୭-୬୯) । ଅନ୍ୟ ଏକ ଘଟଣାରେ ପିତରଙ୍କ ସ୍ୱୀକୃତ ସ୍ୱୀକା ,''ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।'' (ମାଥିଉ ୧୬ : ୧୭) । ଖ୍ରୀଷ୍ଟଙ୍କ ମଣ୍ଡଳୀର ମୂଳଦୁଆ ଅଟେ । ଏହି ସ୍ୱୀକାରର ମୂଳଦୁଆ ଉପରେ ଖ୍ରୀଷ୍ଟ ଆପଣା ମଣ୍ଡଳୀ ତୋଳିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । (ମାଥିଉ ୧୬ : ୧୮) ଏବଂ ତାହାଙ୍କ ମଣ୍ଡଳୀର କଞ୍ଚି ସେ·ପିତରକୁ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । (ମାଥିଉ ୧୬ : ୧୯) । ପେଣ୍ଟିକଷ୍ଟ ଦିନରେ ଅସଂଖ୍ୟ ଯିହୁଦୀମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ମଣ୍ଡଳୀର କଞ୍ଚି ସେ ଖୋଲିଥିଲେ । କିଛି କାଳ ପରେ କର୍ଣ୍ଣଲୀୟ ଓ ତାହାଙ୍କ ପରିବାରର ସଦସ୍ୟଙ୍କୁ ବାପ୍ତିସ୍ମରେ ଦେବା ପରେ,ବିଜାତୀୟମାନଙ୍କ ନିମନ୍ତେ ମଧ୍ୟ ସେ ପରିତ୍ରାଣର ଦ୍ୱାର ଖୋଲିବା ନିମନ୍ତେ ସମର୍ଥ ହୋଇଥିଲେ । ପରିତ୍ରାଣର ବାର୍ତ୍ତା ମନୁଷ୍ୟ ସମାଜକୁ ପ୍ରଥମେ ଶୁଣାଇବା କେତେ ସୌଭାଗ୍ୟର ବିଷୟ ।

**ଗୋଟିଏ ମହାନ୍ ପ୍ରସଙ୍ଗ :** ପବିତ୍ର ଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ପ୍ରେରିତମାନେ ପରଭାଷାରେ କଥା କହିବାକୁ ଆରମ୍ଭ କରିଥିଲେ । ପରଭାଷାରେ କଥା କହୁଥିବା ପ୍ରେରିତମାନଙ୍କୁ ଜନତା ଦ୍ରାକ୍ଷାରସରେ ମତ୍ତ ଅଟନ୍ତି ବୋଲି ମନେ କଲେ । କିନ୍ତୁ ପିତର ସେମାନଙ୍କ ଭୁଲ ବୁଝାମଣା ଦୂର କରି, ଉତ୍ତର ଦେଲେ, ''ଆପଣମାନେ ଯେପରି ମନେ କରୁଅଛନ୍ତି, ଏମାନେ ସେପରି ମାତାଲ

ନୁହନ୍ତି, ଯେଣୁ ବର୍ତ୍ତମାନ ସମୟ ସକାଳ ନଅଘଣ୍ଟା ମାତ୍ର । କିନ୍ତୁ ଯୋୟେଲ ଭାବବାଦୀଙ୍କ ଦ୍ୱାରା ଯାହା ଉକ୍ତ ଅଛି, ଏ ସେହି ଘଟଣା । (ପ୍ରେରିତ ୨ : ୧୫-୧୬) । ଯୋୟେଲ ୨ : ୨୮-୩୨ ପଦଗୁଡ଼ିକରେ ବ୍ୟକ୍ତ ଭାବବାଣୀ ସେ ଏଠାରେ ଉଲ୍ଲେଖ କରନ୍ତି । ଅତି ବିନମ୍ର ଭାବେ ଆପଣା ପ୍ରସଙ୍ଗ ଆରମ୍ଭ କରି । ଅତି ଜାଗ୍ରତରେ ତାହା ମନଯୋଗ କରିବା ନିମନ୍ତେ ସେ ସେମାନଙ୍କୁ ଅନୁରୋଧ କରିଥିଲେ । ସେ ତିନୋଟି ମୁଖ୍ୟ କାରଣ ଦ୍ୱାରା ଯୀଶୁଖ୍ରୀଷ୍ଟ ହିଁ ଈଶ୍ୱରଙ୍କ ପୁତ୍ର ଅଟନ୍ତି ବୋଲି ପ୍ରମାଣ କରନ୍ତି ।

**ଯୀଶୁଙ୍କ କୃତ ଆଶ୍ଚର୍ଯ୍ୟ କ୍ରିୟା :** ଯୀଶୁଖ୍ରୀଷ୍ଟ ଏହି ଜଗତରେ ଜୀବନଯାପନ କରିବା ସମୟରେ ସାଧନ କରିଥିବା ଅନେକ ଆଶ୍ଚର୍ଯ୍ୟ କ୍ରିୟାର ଅନେକ ସାକ୍ଷୀ ସେତେବେଳେ ପିତର ନିଜେ ଥିଲେ । (୨:୨୩) ସେ ରୋଗୀକୁ ସୁସ୍ଥତା, ଅନ୍ଧକୁ ଚକ୍ଷୁ, ମୃତକୁ ଜୀବନ ଦେବା ସଙ୍ଗେ ୨ ଆହୁରି ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମ ତାହାଙ୍କ ଐଶ୍ୱରିକତାର ପ୍ରମାଣ ଦିଏ । ନୀକଦୀମ ନାମକ ଏକ ଯିହୁଦୀୟ ନେତା, ପ୍ରଭୁ ଯୀଶୁଙ୍କୁ କହିଲେ, ''ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ । କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟ କର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନ ଥିଲେ ସେହି ସବୁ କେହି କରିପାରେ ନାହିଁ ।(ଯୋହନ ୩ : ୨ ) ପିତରଙ୍କ ପ୍ରସଙ୍ଗର ଭାବ ମଧ୍ୟ ଏହି ସ୍ୱୀକାରରୁ କିଛି ଭିନ୍ନ ନ ଥିଲା । ନିଶ୍ଚିତ ଭାବେ ସେ ଈଶ୍ୱରଙ୍କ ପୁତ୍ର ଥିଲେ ।

**ପ୍ରକଟିତ ଭାବବାଣୀ ସକଳ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସଫଳ ହେଲା :** ପ୍ରେରିତ ଦ୍ୱିତୀୟ ପର୍ବ ୨୫-୩୨ ପଦଗୁଡ଼ିକରେ ପିତର, ଗୀତ ସଂହିତା ୧୬ : ୮-୧୧ରେ ଲିଖିତ ଭାବବାଣୀ ଉଲ୍ଲେଖିତ କରନ୍ତି । ଯିହୁଦୀମାନେ ଦାଉଦଙ୍କ ଏହି ପ୍ରବଚନ ଆପଣା ନିମନ୍ତେ ବ୍ୟକ୍ତ କରିଥିଲେ ବୋଲି ମନେ କରିଥିଲେ । କିନ୍ତୁ ଦାଉଦଙ୍କ ଶରୀର କ୍ଷୀଣ ହୋଇ ତାହାଙ୍କ ସମାଧି ସେତେବେଳ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଅଛି ବୋଲି ପିତର ସେମାନଙ୍କୁ ମନେ ପକାଇ ଦେଇଥିଲେ । ଯୀଶୁଖ୍ରୀଷ୍ଟଙ୍କ ଶରୀର କି ଅବା ଆତ୍ମା କ୍ଷୀଣ ପାଇପାରିନାହିଁ, ତାହାଙ୍କ ଶରୀର କେବଳ ତିନି ଦିନ ସମାଧିରେ ଥିଲା, କ୍ଷୟ ପାଇବା ନିମନ୍ତେ କୌଣସିମତେ ସୁଯୋଗ ନ ଥିଲା । ଅତଏବ ଦାଉଦଙ୍କ ଭାବବାଣୀ ଆପଣା ବିଷୟରେ ନ କହି ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବ୍ୟକ୍ତ କରିଥିଲେ । ଯିହୁଦୀମାନଙ୍କ ଦ୍ୱାରା ସମ୍ମାନିତ ଦାଉଦ ମହାରାଜା ଖ୍ରୀଷ୍ଟଙ୍କ ଜନ୍ମରୁ ଏକ ହଜାର ବର୍ଷ ପୂର୍ବେ ତାହାଙ୍କ ବିଷୟରେ ଭାବବାଣୀ ପ୍ରକଟ କରିଥିଲେ ଏବଂ ଯୀଶୁଖ୍ରୀଷ୍ଟ ତାହା ଆପଣା ଜୀବନରେ ସଫଳ କରିଥିଲେ ବୋଲି ପିତର ଉଦାହରଣ ଦ୍ୱାରା ପ୍ରମାଣିତ କରନ୍ତି ।

**ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ :** ''.........ଧର୍ମମୟ ଆତ୍ମା ସମ୍ବନ୍ଧରେ ଦାଉଦଙ୍କ ବଂଶଜାତ, କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତ ମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ '' ରୋମୀୟମାନଙ୍କୁ ପାଉଲଙ୍କ ଦ୍ୱାରା ଲିଖିତ ଏହି ସତ୍ୟତା, ପିତରଙ୍କ ପ୍ରସଙ୍ଗର ମଧ୍ୟ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ବିଶେଷତା ପାଉଲ

ଆମ୍ଭମାନଙ୍କୁ ୧ମ କରିନ୍ଥୀ ୧୫ତମ ପଦରେ ବର୍ଣ୍ଣନା କରନ୍ତି । ଖ୍ରୀଷ୍ଟ ଯଦି ପୁନରୁତ୍ଥିତ ହୋଇନଥାନ୍ତେ, ପେଣ୍ଟିକଷ୍ଟ ଦିନର ମହାନତା ବିଶେଷ କିଛି ନ ଥାନ୍ତା । ପିତର ତଥା ଅନେକ ଖ୍ରୀଷ୍ଟଙ୍କ ପୁନଃରୁଥାନର ପ୍ରତ୍ୟକ୍ଷ ସାକ୍ଷୀ ସେପର୍ଯ୍ୟନ୍ତ ଜୀବିତ ଥିଲେ । (ପ୍ରେରିତ ୨ : ୩୨ ଏବଂ ୧ମ କରିନ୍ଥୀ ୧୫ : ୫-୮) ସେଠାରେ ଉପସ୍ଥିତ ମହାଜନତା ମଧ୍ୟରୁ କେହି ଖ୍ରୀଷ୍ଟଙ୍କ ପୁନରୁଥାନ ବିଷୟରେ ସନ୍ଦେହ ପ୍ରକାଶ କରିନଥିଲେ । ଯଦି ତାହାଙ୍କ ପୁନଃରୁଥାନ ସତ୍ୟ ହୋଇ ନ ଥାନ୍ତା କେହି ଜଣେ ସେମାନଙ୍କ ମଧ୍ୟରୁ ପ୍ରବାଦ କରିଥାନ୍ତା । ''........ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି ।'' (୨ : ୩୬) କହି ପିତର ଆପଣା ମହାନ ପ୍ରସଙ୍ଗ ସମାପ୍ତ କରିଥିଲେ । ସମସ୍ତ ବିଷୟ ଉପରେ ତାହାଙ୍କ ଅଧିକାର ଥିବାରୁ ସେ 'ପ୍ରଭୁ' ଅଟନ୍ତି ଏବଂ ସେ ଅଭିଷିକ୍ତ ହୋଇଥିବାରୁ ଖ୍ରୀଷ୍ଟ ଅଟନ୍ତି । ତାହାଙ୍କୁ ଈଶ୍ୱର ପ୍ରଭୁ ଓ ଖ୍ରୀଷ୍ଟରୂପେ ନିଯୁକ୍ତ କରିଅଛନ୍ତି । ତାହାଙ୍କୁ ଯିହୁଦୀମାନେ କ୍ରୁଶରେ ହତ କରିଥିଲେ । (ମାଥିଉ ୨୮ : ୧୮)

**ଗୋଟିଏ ମହାନ୍ ପ୍ରଶ୍ନ :** ''ଏହି କଥା ଶୁଣି ସେମାନଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ପୁଣି ସେମାନେ ପିତର ଓ ଅବଶିଷ୍ଟ ପ୍ରେରିତମାନଙ୍କୁ କହିଲେ, ''ଭାଇମାନେ, ଆମ୍ଭେମାନେ କଅଣ କରିବା ?'' (ପ୍ରେରିତ ୨ : ୩୭) । ସେମାନଙ୍କ ପ୍ରଶ୍ନରୁ ସେମାନେ ପିତରଙ୍କ ପ୍ରସଙ୍ଗରେ ବିଶ୍ୱାସ କରିଥିଲେ ଏବଂ ସେମାନଙ୍କ ହୃଦୟ କିପରି ବିଦୀର୍ଣ୍ଣ ହୋଇଥିଲା ଜାଣିପାରୁ । ସେମାନେ ପବିତ୍ର ଆତ୍ମାଙ୍କ ପ୍ରେରଣା ଦ୍ୱାରା ବିଦୀର୍ଣ୍ଣ ନ ହୋଇ, ପିତରଙ୍କ ବାକ୍ୟ ଶ୍ରବଣ ଦ୍ୱାରା ବିଦୀର୍ଣ୍ଣ ହୋଇଥିଲେ ବୋଲି ଜାଣିପାରୁ ।(୨ : ୩୭), ଯେହେତୁ ''ବିଶ୍ୱାସ ଶ୍ରବଣ ଦ୍ୱାରା ଜାତ ହୁଏ'' (ରୋମୀୟ ୧୦ : ୧୭) ପିତରଙ୍କ ବାକ୍ୟ ଶୁଣି ସେମାନେ ଅପହାସ, ଅବହେଳା କି ଅବା କୌଣସି ହିଂସାତ୍ମକ କାର୍ଯ୍ୟରେ ଆପଣାକୁ ଲିପ୍ତ ନ କରି ଗୋଟିଏ ମହାନ୍ ପ୍ରଶ୍ନ ପଚାରିଥିଲେ । ''ପରିତ୍ରାଣ ପାଇବାକୁ ମୁଁ କଅଣ କରିବି ?''ଏହି ମହାନ୍ ପ୍ରଶ୍ନ ତିନିଥର ପଚରାଯାଇଥିବା ତିନିଟି ଘଟଣା ନୂତନ ନିୟମରେ ଲିଖିତ ହୋଇଅଛି ।

**ଗୋଟିଏ ମହାନ୍ ଜବାବ :** ''ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ୨ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ । ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।''(ପ୍ରେରିତ ୨ : ୩୮) । ଜନତାଙ୍କ ପ୍ରଶ୍ନର ଜବାବ, ପିତର ଏପରିଭାବେ ଦେଇ, ପରିତ୍ରାଣର ମାର୍ଗ ଏହି ଜଗତରେ ପ୍ରଥମଥର ପାଇଁ ଜଣାଇଥିଲେ । ଆପଣା ପାପ ନିମନ୍ତେ ଖ୍ରୀଷ୍ଟଙ୍କଠାରୁ ବିଚ୍ଛିନ୍ନ, ପୁନର୍ମିଳନର ମାର୍ଗ ବ୍ୟତୀତ ଆଉ କଅଣ ଶୁଭବାର୍ତ୍ତା ହୋଇପାରେ ? ଯିଶାଇୟ ୫୯ : ୨, ପଦରେ ଲେଖାଯାଏ, ''ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କଠାରୁ ତାହାଙ୍କ ମୁଖ ଲୁଚାଇଅଛି, ଏଥିପାଇଁ ସେ ଶୁଣିବେ ନାହିଁ । (ଯିଶାଇୟ ୫୯ : ୨) । ପରିତ୍ରାଣ ମାର୍ଗ ଦ୍ୱାରା ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଥିବା ଦୂରତ୍ୱ ଦୂର ହୋଇଅଛି । ପରିତ୍ରାଣ ଯୋଜନାର ସର୍ତ୍ତଗୁଡ଼ିକ ମନୁଷ୍ୟ ପାଳନ କଲେ, ମନୁଷ୍ୟ ଆପଣାର ପୂର୍ବସ୍ଥିତ ଲାଭ କରିବାକୁ ସୁଯୋଗ ପାଇଥାଏ । ଦୁଃଖର

ବିଷୟ ଏହି କି ଯେ, ଏହି ମହାନ୍ ପ୍ରଶ୍ନର ଉତ୍ତର ଆଜିର ଧର୍ମ ଶିକ୍ଷକମାନେ ପାପୀମାନଙ୍କୁ ଦେଉନାହାନ୍ତି । ପାପକ୍ଷମା ପ୍ରାପ୍ତିମାନେ ଯେଉଁମାନେ ମନ ପରିବର୍ତ୍ତନ ଓ ବାପ୍ତିସ୍ମର ମାର୍ଗ ଅବଲମ୍ବନ ନ କରନ୍ତି ସେମାନେ ପାପ କ୍ଷମାପ୍ରାପ୍ତ ହୋଇପାରନ୍ତି ନାହିଁ । ପବିତ୍ର ଆତ୍ମାଙ୍କ ଆଜ୍ଞା ପାଳନ କରିବା ନିମନ୍ତେ ଯେଉଁ ଶିକ୍ଷକମାନେ ଉତ୍ସାହିତ କରନ୍ତି ନାହିଁ, ସେମାନେ ଶାପଗ୍ରସ୍ତ ହେବେ ।

**ଏକ ମହାନ୍ ପ୍ରତିକ୍ରିୟା :** ''ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହି ଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିକ ସଂଯୁକ୍ତ ହେଲେ ।'' (ପ୍ରେରିତ ୨ : ୪୧) । ମହାନ୍ ଦିନର ମହାନ୍ ପ୍ରସଙ୍ଗ ଦ୍ୱାରା, ମହାନ୍ ପ୍ରଶ୍ନ ଓ ମହାନ୍ ଉତ୍ତରର ପ୍ରତିକ୍ରିୟା ମଧ ମହାନ୍ ଥିଲା । ତିନି ହଜାର ଆତ୍ମା ସେଦିନ ସୁସମାଚାରର ଆଜ୍ଞାବହ ହୋଇଥିଲେ । ସେଦିନର ଜନତା ସଦୃଶ୍ୟ ଆଧୁନିକ ଯୁଗରେ ଖ୍ରୀଷ୍ଟଙ୍କ ସୁସମାଚାର ଆନନ୍ଦରେ ଗ୍ରହଣ କରିବା ଲୋକଙ୍କ ସଂଖ୍ୟା ବହୁତ କମ୍ । ଆଜ୍ଞାବହ ପ୍ରତ୍ୟେକ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଯୋଗ କରାଗଲେ । ଖ୍ରୀଷ୍ଟଙ୍କ ସୁସମାଚାରର ସତ୍ୟତା ସେମାନଙ୍କ ପାପରୁ ଧୌତ କରି ଏକ ନୂତନ ସୃଷ୍ଟି କରିଥିଲା । ସେମାନଙ୍କ ଐକ୍ୟତା (୨ : ୪୪) ଆମ୍ଭମାନଙ୍କ ନିମନ୍ତେ ଆଦର୍ଶ ହେଉଁ । ନବଜାତ ଖ୍ରୀଷ୍ଟିୟାନମାନେ ଏକ ଆରେକର ସାହାଯ୍ୟ କଲେ । ଖ୍ରୀଷ୍ଟଙ୍କ ପରିବାରରେ ଜନ୍ମ ନେଇ ଏକ ନୂତନ ବନ୍ଧନରେ ବନ୍ଧା ଯାଇ ଈଶ୍ୱରଙ୍କ ପ୍ରିୟ ଜୀବନଯାପନ ଆରମ୍ଭ କଲେ । ସେମାନଙ୍କ ବିଷୟରେ ବାକ୍ୟ କହେ, ''ଆଉ ସେମାନେ ଏକଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟୀ ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ଏବଂ ସମସ୍ତ ଲୋକଙ୍କର ପ୍ରୀୟପାତ୍ର ହେଉଥିଲେ ।'' (ପ୍ରେରିତ ୨ : ୪୬)

**ମହାନ୍ ପ୍ରତିଫଳ :** ଏହି ମହାନ୍ ଦିନରେ ଅନେକ ମହାନ୍ ଘଟଣା ଘଟିଥିଲା । (୧) ଶକ୍ତି ସହ ପବିତ୍ର ଆତ୍ମା ଅବତରଣ କରିଥିଲେ । (୨) ଭବିଷ୍ୟତ୍‌ବାଣୀ ଦ୍ୱାରା ପ୍ରତିଜ୍ଞାତ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଥମଥର ପାଇଁ ଘୋଷିତ ହୋଇଥିଲା । (୩) ଖ୍ରୀଷ୍ଟଙ୍କ ଐଶ୍ୱରତ୍ୱ ପ୍ରମାଣ କରାଯାଇଥିଲା । (୪) ସେମାନଙ୍କ ମଶୀହଙ୍କୁ ସେମାନେ କ୍ରୁଶରେ ବିଧ କରିଅଛନ୍ତି ବୋଲି ସେମାନେ ବୋଧ ପାଇଲେ । ଏବଂ ପାପକ୍ଷମା ନିମନ୍ତେ କଅଣ କରିବା ଆବଶ୍ୟକ ଜାଣିବାକୁ ଚାହିଁଲେ । (୫) ପାପକ୍ଷମାର ମାର୍ଗ ପ୍ରଥମଥର ପାଇଁ ମନୁଷ୍ୟମାନଙ୍କ ନିକଟରେ ଘୋଷିତ ହୋଇଥିଲା । (୬) ପାପକ୍ଷମାର ମାର୍ଗ ଜ୍ଞାତ ହୋଇ ସେମାନେ ସେଦିନ ହୃଦୟ ସହ ଆଜ୍ଞାବହ ହୋଇଥିଲେ । (ରୋମୀୟ ୬ : ୧୭) । (୭) ନୂତନ ବନ୍ଧନରେ ଯୋଡ଼ିତ ନବଜାତ ଖ୍ରୀଷ୍ଟିୟାନ ମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗୀତାରେ, ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟଚିତ୍ତ ହୋଇ ରହିଲେ ।'' (ପ୍ରେରିତ ୨ : ୪୨) (୮) ପ୍ରଥମଥର ପାଇଁ ମଣ୍ଡଳୀର ଅସ୍ତିତ୍ୱ ବିଷୟରେ କୁହାଯାଇଥିଲା (୨ : ୪୭) ଏବଂ ତିନିହଜାର ଆତ୍ମାର ପରିତ୍ରାଣ ସହିତ ମଣ୍ଡଳୀ ଆରମ୍ଭ ହୋଇଥିଲା । ଖ୍ରୀଷ୍ଟଙ୍କ ନାମ ଧାରଣକାରୀ ମଣ୍ଡଳୀ ନିମନ୍ତେ ନିଶ୍ଚିତଭାବେ ଏହି ଦିନ ମହାନ୍ ଦିନ ଅଟେ ।

- Billy R. Davidson

# JOY OF SERVING THE LORD

**1 Thessalonians 5 : 16**

## INTRODUCTION :

1. Rejoicing is of the divine nature.
2. Of all people that should be happy, it should be Christians.
3. It is a command of God.

## DISCUSSION :

### I. Examples of Early Christians.

1. Converts on the day of Pentecost. (Acts 2 : 46,47).
2. The Samaritans. (Acts 8).
3. The Eunuch. (Acts 8:39).
4. The Jailor and his household. (Acts 16 : 31-34).
5. Rejoicing over the conversion of the Gentiles. (Acts 15 : 3).

### II. Rejoicing in Tribulation.

1. Persecution. (Acts 5 : 41).
2. Imprisonment. (Acts 16 : 23-25).
3. Poverty. (2 Corinthians 6 : 10).
4. Loss of property. (Hebrews 10 : 34).
5. Fiery trials. (1 Peter 4 : 12,13).
6. Christ on the cross. (Hebrews 12 : 1,2).

**III. Time of Rejoicing.**

1. Rejoice evermore. ( 1 Thessalonians 5 : 16).
2. Rejoice when souls are saved.
3. Rejoice that you can teach others.
4. Rejoice in the Christian life.
5. Rejoice in worship.

**CONCLUSION :**

1. Christianity is a religion of joy.
2. Our joy should lead others to seek the same.

- J.C.CHOATE

**From:**


**SATYA VANI**
**P.O. BOX 80,**
**KAKINADA - 533 001**


**Printed Book only.**

**To**

..........................................................

..........................................................

..........................................................

..........................................................

(FOR PRIVATE CIRCULATION ONLY)